## ସଂକ୍ଷେପରେ

### ଏନ୍‌ଏସି ମାନ୍ୟତା ମିଳିଲାନି, ତିହିଡ଼ି ବନ୍ଦ ଆଜି

ତିହିଡି, ୧୫।୩(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ିକୁ ଏନ୍‌ଏସି ମାନ୍ୟତା ନ ମିଳିବା ପ୍ରତିବାଦରେ ଶନିବାର ତିହିଡ଼ି ବନ୍ଦ ପାଳନ କରାଯିବ। ତିହିଡ଼ି ବ୍ଲକ ନାଗରିକ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସକାଳ ୬ଟାଠାରୁ ମଧ୍ୟାହ୍ନ ୨ଟା ପର୍ଯ୍ୟନ୍ତ ଏହି ବନ୍ଦ ପାଳନ କରାଯିବ ବୋଲି ଜଣାଯାଇଛି। ତିହିଡ଼ି ବଜାରରେ ଥିବା ଦୋକାନ ସମେତ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ଓ ଅନ୍ୟାନ୍ୟ ଅନୁଷ୍ଠାନକୁ ବନ୍ଦ କରାଯିବ ବୋଲି କମିଟି ପକ୍ଷରୁ ପ୍ରେସ୍ ବିବୃତ୍ତିରେ କୁହାଯାଇଛି। ଜନସଂଖ୍ୟା, ଗମନାଗମନ ଏବଂ ଅନ୍ୟାନ୍ୟ ପାରିପାର୍ଶ୍ୱିକ ସୁବିଧା ଦୃଷ୍ଟିରୁ ଏନ୍‌ଏସି ପାଇଁ ତିହିଡ଼ିର ଭିତ୍ତିଭୂମି ରହିଛି। ସରକାର ପ୍ରଥମେ ୩୫ଟି ଏବଂ ପରେ ୨୨ଟି ଏନ୍‌ଏସି ଘୋଷଣା କରିଥିଲେ ମଧ୍ୟ ତିହିଡ଼ି ବାଦ୍ ପଡ଼ିବା ପରିତାପର ବିଷୟ। ବିଭିନ୍ନ ସାମାଜିକ ସଙ୍ଗଠନ, ସାହିତ୍ୟ ସଙ୍ଗଠନ, ବରିଷ୍ଠ ନାଗରିକ ସଂଘ, ନବନିର୍ମାଣ କୃଷକ ସଙ୍ଗଠନ ଆନ୍ଦୋଳନରେ ସାମିଲ ହେବେ। କମିଟି ସଭାପତି ଶିକ୍ଷାବିତ୍ ସୋମନାଥ ପାଢ଼ୀ, ଆବାହକ ଧୀରେନ୍ଦ୍ର ସାହୁ, ବ୍ଲକ କଂଗ୍ରେସ ସଭାପତି ସରୋଜ ଦାସ, ବିପିନ ବିହାରୀ ପତି, ଭାଜପା ନେତା ରଘୁନାଥ ପାତ୍ର, ଦୁର୍ଗାଚରଣ ନାୟକ, ସୀତାକାନ୍ତ ନାୟକ, ଅଜୟ ମହାପାତ୍ର, ଖଗେଶ୍ୱର ତ୍ରିପାଠୀ ପ୍ରମୁଖଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ହେବ।

### ବିଦ୍ୟୁତ୍ ଆଘାତରେ ବୃଦ୍ଧ ମୃତ

ତିହିଡ଼ି, ୧୫।୩(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ଗୁଆମାଳ ପଞ୍ଚାୟତର ସଦାନନ୍ଦପୁର ଗ୍ରାମରେ ଶୁକ୍ରବାର ସକାଳେ ବିଦ୍ୟୁତ୍ ଆଘାତରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରବିନାରାୟଣ ଦାସ(୬୦)। ସେ ତାଙ୍କ ଘରେ ବିଦ୍ୟୁତ୍ ତାର ମରାମତି କରୁଥିବା ବେଳେ ବିଦ୍ୟୁତ୍ ଆଘାତ ଲାଗିଥିଲା। ତାଙ୍କୁ ତିହିଡ଼ି ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତିହିଡ଼ି ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

### ନିର୍ବାଚନ ପାଇଁ ପ୍ରଶିକ୍ଷଣ

ଚାନ୍ଦବାଲି, ୧୫।୩(କିଷାନ ପାତ୍ର)

ସାଧାରଣ ନିର୍ବାଚନ ପାଇଁ ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ଚାନ୍ଦବାଲି ବ୍ଲକରେ ମତୋ, ସାଏନ୍ତା ଓ ଚାନ୍ଦବାଲି ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ, ବିଡିଓ ଅସିତ କୁମାର ମହାନ୍ତି ଓ ସମସ୍ତ ସେକ୍ଟର ଅଫିସର ଯୋଗଦେଇ ଇଭିଏମ୍‌ରେ ଡେମୋ ମାଧ୍ୟମରେ ପ୍ରଶିକ୍ଷଣ ଦେଇଥିଲେ। ୩ଟି ସ୍ଥାନରେ ମୋଟ ୬ଶହ ଅଧିକାରୀଙ୍କୁ ତାଲିମ ଦିଆଯାଇଛି।

# ମଧ୍ୟାହ୍ନଭୋଜନ ଖାଉଥିବା ବେଳେ ଖସିଲା କଂକ୍ରିଟ

## ରକ୍ଷା ପାଇଗଲେ ଛାତ୍ରୀଛାତ୍ର

ଚାନ୍ଦବାଲି, ୧୫।୩(କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ନାଲଗୁଣ୍ଡା ପଞ୍ଚାୟତ ପ୍ରତାପପୁର ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଛାତ୍ରୀଛାତ୍ର ମଧ୍ୟାହ୍ନଭୋଜନ ଖାଉଥିବା ବେଳେ ଛାତରୁ କଂକ୍ରିଟ ଖସିଛି। ଛାତ୍ରୀଛାତ୍ର ଦୌଡ଼ି ପଳାଇ ଯିବାରୁ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ଶ୍ରେଣୀଗୃହ ଛାତରେ ଫାଟ ସୃଷ୍ଟି ହୋଇଛି। ୧୬ବର୍ଷ ହେଲା ବିଦ୍ୟାଳୟରେ ପାଠପଢ଼ା ଚାଲିଥିବା ବେଳେ କେତେବେଳେ ଛାତରୁ ପାଣି ଗଳୁଛି ତ ଆଉ କେତେବେଳେ କଂକ୍ରିଟ ଖସୁଛି। ଛାତ ସମ୍ପୂର୍ଣ୍ଣ ଦୁର୍ବଳ ହୋଇଯାଇଥିବାରୁ ଏଭଳି ଦୁର୍ଘଟଣା ଘଟୁଥିବା ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ମାତଙ୍ଗିନୀ ମାଝୀ କହିଛନ୍ତି। ଏନେଇ ଲିଖିତ



ନାଲଗୁଣ୍ଡା ପଞ୍ଚାୟତ ପ୍ରତାପପୁର ପ୍ରାଥମିକ ବିଦ୍ୟାଳୟରେ ଛାତରୁ କଂକ୍ରିଟ ଖସିଛି।

ଭାବେ ସ୍ଥାନୀୟ ସରପଞ୍ଚଙ୍କୁ ଦେଇଛନ୍ତି। ନାଲଗୁଣ୍ଡା ପଞ୍ଚାୟତ ସମିତିସଭ୍ୟ ଅଭୟ ବଳ ନୂତନ ଶ୍ରେଣୀଗୃହ ନିର୍ମାଣ ପାଇଁ ଦାବି କରିଛନ୍ତି। ତୁରନ୍ତ ନୂତନ ବିଦ୍ୟାଳୟ ଗୃହ ନିର୍ମାଣ କିମ୍ବା ମରାମତି କରା ନ ଗଲେ ଆଗାମୀ ଦିନରେ କିଛି ଅଘଟଣ ଘଟିଲେ, ସେଥିପାଇଁ ସରକାର ଦାୟୀ ରହିବେ ବୋଲି ଗ୍ରାମବାସୀ ପୁରସ୍ତମ ବଳ, ରମେଶ ବଳ, କିଶୁରାମ ବେହେରା, ଅଶୋକ ନାୟକ, ସୁଶାନ୍ତ ନାୟକ, ଗିରିଧାରୀ ବଳ, ସସ୍ମିତା ନାୟକ, ବିଜୟା ନାୟକ, ପାର୍ବତୀ ବେହେରା ପ୍ରମୁଖ ପ୍ରକାଶ କରିଛନ୍ତି। ସେହିପରି ନିଜ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ତୁରନ୍ତ ନୂତନ ଶ୍ରେଣୀଗୃହ ଯୋଗାଇ ଦେବାକୁ ଛାତ୍ରୀଛାତ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି।

# ଖୋଲିଲା ଐତିହାସିକ ଡିଗି ପାର୍କ




ଧାମନଗର, ୧୫।୩ (ଦେବେନ୍ଦ୍ର ଆନ୍ଦିଆ)

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଭଗବାନପୁର ପଞ୍ଚାୟତର ପଦ୍ମପୋଖରୀଠାରେ ନିର୍ମିତ ଐତିହାସିକ ଡିଗି ପାର୍କ ଏମ୍‌ପି ମଞ୍ଜୁଲତା ମଣ୍ଡଳଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଅତିଥି ଭାବେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍‌ପି ବରୁଣ ଗୁଣ୍ଟୁପାଲି, ଜିଲା ପରିଷଦ ଉପାଧ୍ୟକ୍ଷା ଚୁନିବାଳା ବିଶ୍ୱାଳ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଆମ ଓଡ଼ିଶା ନବୀନ ଓଡ଼ିଶାର ଜିଲା ସଂଯୋଜକ ସଞ୍ଜୟ ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ ପ୍ରମୁଖ ଯୋଗଦେଇଥିଲେ। ୪ ବର୍ଷ ଧରି ଏହି ପାର୍କ ନିର୍ମାଣ ଚାଲିଥିଲା। ଜିଲାରେ ଏହା ଏକ ଆକର୍ଷଣୀୟ ପାର୍କ ଭାବେ ପରିଗଣିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ବିଡିଓ ବନ ବିହାରୀ ଦିଣ୍ଡା, ତହସିଲଦାର ଦୀପକ କୁମାର ଦାସ, ଜିଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ସାରଦା ପ୍ରସନ୍ନ ସାହୁ, ଏନ୍‌ଏସି ନଗର ସଭାପତି ସୁଶାନ୍ତ ରାଉତ, ସମିତିସଭ୍ୟ ସୁଦୀପ୍ତ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ।

### ବିଶ୍ୱ ଖାଉଟି ସୁରକ୍ଷା ଦିବସ

ଭଦ୍ରକ, ୧୫।୩ (ସନାତନ ରାଉତ)

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଭଦ୍ରକ ଜିଲା ସଂସ୍କୃତି ଭବନରେ ଜିଲାସ୍ତରୀୟ ବିଶ୍ୱ ଖାଉଟି ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଖାଉଟିମାନେ କୌଣସି ଜିନିଷ କିଣିବା ବେଳେ ଠକାମିରୁ ରକ୍ଷା ପାଇଁ ଖାଉଟି ସୁରକ୍ଷା ଅଧିକାର ଆଇନ ସମ୍ବନ୍ଧରେ ସଚେତନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଜିଲା ଯୋଗାଣ ଓ ଖାଉଟି କଲ୍ୟାଣ ଅଧିକାରୀ ଲିଙ୍ଗରାଜ ବେହେରା ଯୋଗଦେଇ ଠକାମିରୁ ସୁରକ୍ଷା ପାଇଁ ସଚେତନତା ଆବଶ୍ୟକ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଉପଭୋକ୍ତା କମିଶନ୍‌ର ସଭାପତି ଆଇନଜୀବୀ ଶିବ ପ୍ରସାଦ ମହାନ୍ତି, ଅନ୍ୟତମ ଅତିଥି ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଖାଦ୍ୟ ସୁରକ୍ଷା ଅଧିକାରୀ ବିଭୁଦତ୍ତ ଦାସ, ଆଇନଜୀବୀ ବିଷ୍ଣୁମୋହନ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

# କାମରେ ଆସୁନି କୁଆଁସ ସେତୁ

## ଏଯାଏ ନିର୍ମାଣ ହୋଇପାରିଲାନି ଆପ୍ରୋଚ ରୋଡ୍

ଭଦ୍ରକ, ୧୫।୩(ସନାତନ ରାଉତ)

ଭଦ୍ରକ ଟାଉନ ଥାନା ନିକଟସ୍ଥ ସାଳନ୍ଦୀ ନଦୀ ଉପରେ ନିର୍ମିତ କୁଆଁସ ସେତୁ ଲୋକଙ୍କ କାମରେ ଆସୁନି। ଆପ୍ରୋଚ ରୋଡ୍ ନିର୍ମାଣ ହୋଇ ନ ଥିବାରୁ ପୋଲ ପୂର୍ଣ୍ଣାଙ୍ଗ ହୋଇପାରୁ ନାହିଁ। ୬ କୋଟି ୭୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କରାଯାଇଥିବା ପୋଲର ଉଭୟ ପାର୍ଶ୍ୱରେ ଏଯାଏ ଆପ୍ରୋଚ୍ ରୋଡ୍ କରାଯାଇ ନାହିଁ। ପୂର୍ବପଟେ ୩ଶହ ମିଟର ଓ ପଶ୍ଚିମ ପଟେ ୬୦ ମିଟର ଆପ୍ରୋଚ୍ ରୋଡ୍ ନିର୍ମାଣ ପାଇଁ ଜମି ଅଡୁଆ ଲାଗିଥିବାରୁ ନିର୍ମାଣରେ ବିଳମ୍ବ ହେଉଥିବା ଜଣାପଡ଼ିଛି।

୨୦୦୫ରେ ତତ୍କାଳୀନ ଭଦ୍ରକ ଏମ୍‌ପି ତଥା କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀ ସ୍ୱର୍ଗତ ଅର୍ଜୁନ ଚରଣ ସେଠୀଙ୍କ ସହଯୋଗ ଏବଂ ଆର୍ଥିକ ସହାୟତାରେ ଏଠାରେ ଏକ କଂକ୍ରିଟ ସେତୁ ନିର୍ମାଣ



କରାଯାଇଥିଲା। ଏମ୍‌ପିଙ୍କ ନାମ ଅନୁସାରେ ଏହାକୁ ଅର୍ଜୁନ ସେତୁ ନାମକରଣ କରାଯାଇଥିଲା। କୁଆଁସ ମୌଜା ସହିତ ସହରର ପୂର୍ବପାର୍ଶ୍ୱରେ ରହୁଥିବା ଲୋକ ସହରକୁ ଆସିବା ପାଇଁ ଏହି ସେତୁ ଦ୍ୱାରା ଉପକୃତ ହୋଇଥିଲେ। ମାତ୍ର ୨୦୨୦ରେ କାର୍ଯ୍ୟକ୍ଷମ ଥିବା ଅର୍ଜୁନ ସେତୁ ପ୍ରଶସ୍ତୀକରଣ ନାମରେ ଭାଙ୍ଗି ଦେଇ ନୂତନ ସେତୁ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଥିଲା। ଶିଳାନ୍ୟାସର ୧୮ ମାସ ମଧ୍ୟରେ ନିର୍ମାଣ ଶେଷ ଲାଗି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ସେତୁର ନାମକରଣ ନେଇ ବିବାଦ, ବିଭାଗୀୟ ଦାୟିତ୍ୱହୀନତା ଓ ଠିକାଦାରଙ୍କ ଅବହେଳା ଯୋଗୁ ନିର୍ମାଣ ଆରମ୍ଭରେ ବହୁ ବିଳମ୍ବ ଘଟିଥିଲା। ଏହାକୁ ନେଇ ଜନଅସନ୍ତୋଷ ତୀବ୍ର ହେବା ସହ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ଘେରାଉ କରାଯିବା ପରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ୬ ମାସ ତଳୁ ସେତୁ ନିର୍ମାଣ ଏକପ୍ରକାର ଶେଷ ହୋଇଥିବା ବେଳେ ଆପ୍ରୋଚ୍ ରୋଡ୍ ନିର୍ମାଣ ହୋଇପାରି ନାହିଁ। ବିପଦପୂର୍ଣ୍ଣ ଭାବେ ଏହି ସେତୁରେ ଲୋକେ ଯାତାୟାତ ମଧ୍ୟ ଆରମ୍ଭ କରିଛନ୍ତି। ଏନେଇ ପୂର୍ତ୍ତ ବିଭାଗ ଯନ୍ତ୍ରୀ ନବଘନ ମାରାଣ୍ଡି କହିଛନ୍ତି, ସେତୁର ଉଭୟ ପାର୍ଶ୍ୱରେ ଆପ୍ରୋଚ୍ ରୋଡ୍ ନିର୍ମାଣ ପାଇଁ ଥିବା ଜମିକୁ କେତେଜଣ ଲୋକ ବ୍ୟକ୍ତିଗତ ଜମି ଦର୍ଶାଇ ବାଧା ସୃଷ୍ଟି କରୁଥିବାରୁ ନିର୍ମାଣରେ ବିଳମ୍ବ ହେଉଛି। ଡିମାର୍କେଶନ କରାଯାଇ ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ କରାଯିବ।

# ନେହେରୁ ଷ୍ଟାଡିୟମରେ ଜିମ୍ ସେଣ୍ଟର ଉଦ୍‌ଘାଟିତ

ଭଦ୍ରକ, ୧୫।୩(ସନାତନ ରାଉତ)

ଭଦ୍ରକ ନେହେରୁ ଷ୍ଟାଡିୟମରେ ଏମ୍‌ପି ଓ ବିଧାୟକଙ୍କ ଅନୁଦାନରେ ନିର୍ମିତ ଜିମ୍ ସେଣ୍ଟର ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଏମ୍‌ପି ମଞ୍ଜୁଲତା ମଣ୍ଡଳ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ ଜିମ୍ ସେଣ୍ଟର ଦ୍ୱାରା ସହରାଞ୍ଚଳର ଯୁବତୀ ଯୁବକ ନିଜ ଶରୀରକୁ ଫିଟ୍ ରଖିବା ପାଇଁ ସୁଯୋଗ ନେଇପାରିବେ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ସଞ୍ଜୀବ ମଲ୍ଲିକ ଯୋଗଦେଇ କହିଥିଲେ, ଷ୍ଟାଡିୟମରେ ଜିମ୍ ସେଣ୍ଟର ସହ କ୍ରିକେଟ ଓ ଅନ୍ୟାନ୍ୟ କ୍ରୀଡ଼ା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ସାଢ଼େ ୩ କୋଟି ଟଙ୍କା ବ୍ୟୟରେ ଫ୍ଲଡ୍ ଲାଇଟ୍ ବ୍ୟବସ୍ଥା କରାଯାଇଥିବା ବେଳେ ରାତିରେ ମ୍ୟାଚ୍ ଖେଳିବାର ବ୍ୟବସ୍ଥା କରାଯାଇଛି। ଟାଉନ ବିଜେଡି ସଭାପତି ତାହେର ମହମ୍ମଦ, କାଉନସିଲର ଆଶିଷ ଅମିତାଭ ମହାପାତ୍ରଙ୍କ ସହ ନେତାମାନେ ଉପସ୍ଥିତ ଥିଲେ।


ଉଦ୍‌ଘାଟନ ଅବସରରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ସଞ୍ଜୀବ ମଲ୍ଲିକ ଓ ଅନ୍ୟମାନେ।

# ତାଲିମ ନେଲେ ୯୪୫୫ ପ୍ରିଜାଇଡିଂ, ପୋଲିଂ ଅଧିକାରୀ


ଡିଏଭି ଫେକର ସ୍କୁଲରେ ପ୍ରଶିକ୍ଷଣ କେନ୍ଦ୍ରରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ବୁଝାଉଛନ୍ତି।

## ସାଧାରଣ ନିର୍ବାଚନ ପ୍ରସ୍ତୁତି

ଭଦ୍ରକ, ୧୫।୩(ସନାତନ ରାଉତ/ ରବିନାରାୟଣ ଖିଲାର)

ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୯୪୫୫ଜଣ ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀଙ୍କୁ ତାଲିମ ଦିଆଯାଇଛି। ସେମାନଙ୍କ ମଧ୍ୟରେ ୧୫୭୭ଜଣ ପ୍ରିଜାଇଡିଂ ଅଧିକାରୀ, ୧୫୭୩ଜଣ ପ୍ରଥମ ପୋଲିଂ, ୧୫୭୬ଜଣ ୨ୟ ପୋଲିଂ, ୧୫୭୭ ୩ୟ ପୋଲିଂ, ୧୫୭୬ ୪ର୍ଥ ଓ ୧୫୭୬ ଜଣ ୫ମ ପୋଲିଂ ଅଧିକାରୀ ଅଛନ୍ତି। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଜିଲାର ସମସ୍ତ ବ୍ଲକରେ ଶୁକ୍ରବାରଠାରୁ ତାଲିମ ପ୍ରଦାନ ଆରମ୍ଭ ହୋଇଛି। ଜିଲାରେ ସମୁଦାୟ ୧୩୦୯ ବୁଥ୍‌ରେ ମତଦାନ ହେବାକୁ ଥିବାବେଳେ ପ୍ରତି ବୁଥ୍ ପାଇଁ ପୋଲିଂ ଟିମ୍‌ରେ ୬ଜଣ ଅଧିକାରୀ ରହିବେ।

ସୁପରଭାଇଜିଂ ଅଧିକାରୀ ଭାବେ ଜିଲା ମୁଖ୍ୟ ଚିକିତ୍ସାଳୟ ପ୍ରଶାସନିକ ଅଧିକାରୀ ରାମଦାସ ଟୁଡୁ ବନ୍ତ ବ୍ଲକ୍, ଅତିରିକ୍ତ ଜିଲାପାଳ ସମିତ କୁମାର ଗଡ଼ନାୟକ ଭଣ୍ଡାରିପୋଖରୀ, ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି ବାସୁଦେବପୁର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ ଚାନ୍ଦବାଲି, ଉପଜିଲାପାଳ ମନୋଜ ପାତ୍ର ଭଦ୍ରକ ବ୍ଲକ, ଏସିଡିଓ କୁଶଳ ଚନ୍ଦ୍ର ନାୟକ ତିହିଡ଼ି ଏବଂ ଅତିରିକ୍ତ ଉପଜିଲାପାଳ ଶ୍ୟାମଳ ରାୟ ଧାମନଗର ବ୍ଲକ୍‌ରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ତଦାରଖ ଦାୟିତ୍ୱରେ ଅଛନ୍ତି। ଭଦ୍ରକ ବ୍ଲକର ଡିଏଭି ଫେକର ସ୍କୁଲରେ ଆୟୋଜିତ ପ୍ରଶିକ୍ଷଣ କେନ୍ଦ୍ରକୁ ଜିଲାପାଳ ପରିଦର୍ଶନ କରି ଅବାଧ ଓ ମୁକ୍ତ ନିର୍ବାଚନ ପରିଚାଳନା ପାଇଁ ପ୍ରଶିକ୍ଷଣର ଗୁରୁତ୍ୱ ସମ୍ପର୍କରେ କହିଥିଲେ। ଜିଲା କାର୍ଯ୍ୟାଳୟରୁ ଡିଏଲ୍‌ଓ କାର୍ତ୍ତିକନାଥ ମଣ୍ଡଳ, ଡେପୁଟୀ କଲେକ୍ଟର ତନ୍ମୟ ଜେନା, ତନ୍ମିତା କର, ପ୍ରମିଳା ମଲ୍ଲିକ, ପ୍ରଜ୍ଞା ହୋତା, ଆସିଷ୍ଟାଣ୍ଟ କଲେକ୍ଟର ଚିତ୍ତରଞ୍ଜନ ସେଠୀଙ୍କ ସହ ବିଡିଓ, ତହସିଲଦାର ଓ ଅତିରିକ୍ତ ତହସିଲଦାରମାନେ ମାଷ୍ଟର ଟ୍ରେନର ଭାବେ ତାଲିମ୍ ପ୍ରଦାନ କରୁଛନ୍ତି।

# ୧୨ ଘଣ୍ଟିଆ ବନ୍ଦ କରାଇ ଦେଲାନି ପୋଲିସ


ଆନ୍ଦୋଳନକାରୀଙ୍କ ସହ ପୋଲିସ ଆଲୋଚନା କରୁଛି।

ଭଦ୍ରକ, ୧୫।୩ (ସନାତନ ରାଉତ)

ବରପଦା ଇଞ୍ଜିନିୟରିଂ କଲେଜର ପରିଚାଳନା କମିଟି ଭାଙ୍ଗି ଜିଲାପାଳଙ୍କୁ ଦାୟିତ୍ୱ ପ୍ରଦାନ ଦାବିରେ ବରପଦା ବିକାଶ ମଞ୍ଚ, ନାଗରିକ ସୁରକ୍ଷା ପରିଷଦ ଓ ଦରମା ପାଇ ନ ଥିବା କର୍ମଚାରୀମାନେ ଶୁକ୍ରବାର ୧୨ ଘଣ୍ଟିଆ ଭଦ୍ରକ ବନ୍ଦ ଡାକରା ଦେଇଥିଲେ। ସକାଳ ୬ଟାରେ ଭଦ୍ରକ ସହରର ବନ୍ତଛକଠାରେ ବ୍ୟାନର, ପ୍ଲାକାର୍ଡ ଧରି ବିଭିନ୍ନ ନାରାବାଜି ଦେଇ ଗାଡ଼ି ଚଳାଚଳ ବନ୍ଦ କରିଥିଲେ। କିଛି ସମୟ ପରେ ପୋଲିସ ପହଞ୍ଚି ବନ୍ଦ କରାଇ ଦେଇ ନ ଥିଲା। ଗାଡ଼ି ଚଳାଚଳ ବନ୍ଦକୁ ପୋଲିସ ବାରଣ କରିବା ସହ ସନ୍ଧ୍ୟାରେ ଅତିରିକ୍ତ ଜିଲାପାଳଙ୍କ ସହ ଆଲୋଚନା କରିବାକୁ ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ କହିଥିଲେ। ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ବନ୍ଦରେ ସାମିଲ ହୋଇଥିବା ଆନ୍ଦୋଳନକାରୀମାନଙ୍କୁ କେତେଜଣ ଯୁବକ ଗାଳିଗୁଲଜ କରିଥିବା କର୍ମଚାରୀ ବିଜୟ ରାଉତ ଅଭିଯୋଗ କରିଛନ୍ତି। କ୍ଷମତାଶାଳୀ ଲୋକଙ୍କ ପ୍ରଭାବରେ ପୋଲିସ ବନ୍ଦକୁ ବିଫଳ କରିଛି ବୋଲି ସେ ଅଭିଯୋଗ କରିଥିଲେ।

ଅପରପକ୍ଷେ କର୍ମଚାରୀଙ୍କ ଦାବିକୁ ଯଥାର୍ଥ ଜଣାଇ ଭାଜପା ସମର୍ଥନ କରିବ ବୋଲି ଜିଲା ସଭାପତି ହେମନ୍ତ ପାଢ଼ୀ ଚିଠି ମାଧ୍ୟମରେ ଜଣାଇଥିଲେ। ସେହିପରି ଗୁରୁବାର କର୍ମଚାରୀଙ୍କ ଦାବିକୁ ସମର୍ଥନ କରିବେ ବୋଲି ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତା ଶୁଭେନ୍ଦୁ ରାୟ ମହାପାତ୍ର ସୂଚନା ଦେଇଥିଲେ। କିନ୍ତୁ ବନ୍ଦ ସମୟରେ ଉଭୟ ଭାଜପା ଓ କଂଗ୍ରେସର କୌଣସି ନେତା, କର୍ମୀ ଦେଖା ଦେଇ ନ ଥିଲେ। ଏନେଇ ଟାଉନ ଥାନାଧିକାରୀ ବୀରେନ୍ଦ୍ର ସେନାପତି କହିଛନ୍ତି, ରାସ୍ତାକଡ଼ରେ ବସି ହରତାଳ କରିପାରିବେ, କିନ୍ତୁ ଗାଡ଼ି ଚଳାଚଳ ବନ୍ଦ କରିବା ପାଇଁ କୌଣସି ନିୟମ ନାହିଁ। ବିକାଶ ମଞ୍ଚର ସଭାପତି ଯୁଧିଷ୍ଠିର ପଣ୍ଡା, କର୍ମଚାରୀ ଶ୍ରୀକାନ୍ତ ମହାପାତ୍ର, ଜୟୀରାମ ବିଶ୍ୱାଳ, ପ୍ରଫୁଲ୍ଲ କୁମାର ଜେନା ଓ ବିକାଶ ମଞ୍ଚର ସଦସ୍ୟ ଦୋଳଗୋବିନ୍ଦ ଜେନା ବନ୍ଦରେ ସାମିଲ ହୋଇଥିବା ବେଳେ ଆଗାମୀ ଦିନରେ ନବୀନ ନିବାସ ଆଗରେ ଆନ୍ଦୋଳନ କରାଯିବ ବୋଲି କହିଛନ୍ତି। ଆନ୍ଦୋଳନସ୍ଥଳରେ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ସଦର ଏସ୍‌ଡିପିଓ ସୌରଭ ଓତା ଉପସ୍ଥିତ ରହିଥିବା ବେଳେ ପୋଲିସ ଫୋର୍ସ ମୁତୟନ ଥିଲେ।

# ଦକ୍ଷିଣେଶ୍ୱର କାଳୀମନ୍ଦିର ବାର୍ଷିକୋତ୍ସବ



ମନ୍ଦିର ବାର୍ଷିକୋତ୍ସବରେ ଭଜନ ପରିବେଷଣ କରାଯାଉଛି।

ଭଦ୍ରକ, ୧୫।୩ (ରବିନାରାୟଣ ଖିଲାର)

ଭଦ୍ରକ ନୂଆ ବସ୍‌ଷ୍ଟାଣ୍ଡ ପରିସରରେ ଥିବା ଦକ୍ଷିଣକାଳୀ ମନ୍ଦିରର ଷୋଡ଼ଶ ବାର୍ଷିକୋତ୍ସବ ୩ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପିଲାମାନଙ୍କ ମଧ୍ୟରେ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ମନ୍ଦିର କମିଟିର ମୁଖ୍ୟ ପରିଚାଳକ ସତ୍ୟନାରାୟଣ ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ ଓ କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ରାମନାରାୟଣ ମହାନ୍ତିଙ୍କ ସଂଯୋଜନାରେ ପ୍ରାୟ ୮୦ଜଣ ପିଲା ଏଥିରେ ଅଂଶଗ୍ରହଣ କରିଥିଲେ। ସମସ୍ତଙ୍କୁ ମନ୍ଦିର କମିଟି ପକ୍ଷରୁ ପୁରସ୍କୃତ କରାଯାଇଥିଲା। ପ୍ରଧାନଶିକ୍ଷୟିତ୍ରୀ ଜାନକୀ ପାଢ଼ୀ, ଶିକ୍ଷୟିତ୍ରୀ ମନୋରମା ରାୟ, କଣ୍ଠଶିଳ୍ପୀ ଶଶିକଳା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

# 'ବିକାଶ ମାଧ୍ୟମରେ ଲୋକଙ୍କ ମାନସିକତାରେ ପରିବର୍ତ୍ତନ ସମ୍ଭବ'

## ନୂଆପାଟଣାରେ ବିଜୟଶ୍ରୀ କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ

ତିହିଡ଼ି, ୧୫।୩(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ଅଧୀନ ସିନ୍ଦୋଳ ପଞ୍ଚାୟତର ନୂଆପାଟଣା ଗ୍ରାମରେ ବିଜୟଶ୍ରୀ କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ ହୋଇଯାଇଛି। ବରିଷ୍ଠ ବିଜେଡି ନେତା ଦୁର୍ଗାଦତ୍ତ ରାଉତରାୟ ମୁଖ୍ୟଅତିଥି ଭାବେ ଏହି ମଣ୍ଡପକୁ ଉଦ୍‌ଘାଟନ କରିବା ସହ ବିକାଶ ମାଧ୍ୟମରେ ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆଣିବା ସମ୍ଭବ ହୋଇଥାଏ ବୋଲି କହିଥିଲେ। ପରେ ସରପଞ୍ଚ ସୁପ୍ରଭା ପାଣିଙ୍କ ପୌରୋହିତ୍ୟ ଓ ବିଧାୟକଙ୍କ ପ୍ରତିନିଧି ବାପୁଜୀ ନାୟକଙ୍କ ସଞ୍ଚାଳନାରେ ସଭା ଅନୁଷ୍ଠିତ ହୋଇଥିଲା। ବରେଣ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ଉପାଧ୍ୟକ୍ଷା ସୁଭଦ୍ରା ଶତପଥୀ, ବରିଷ୍ଠ ନେତା ହରିହର ସେନାପତି, ଜିଲା ବିଜେଡି ଉପସଭାପତି ସୁରେନ୍ଦ୍ର କୁମାର ନାୟକ ଏବଂ ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ସୁମତୀ ସେଠୀ, ସରପଞ୍ଚ ପୁଷ୍ପାଞ୍ଜଳି ଲେଙ୍କା, କୈଳାସ ପରିଡ଼ା, ସମିତିସଭ୍ୟା ତିଳୋତ୍ତମା ବେହେରା, ନକୁଳ ଚନ୍ଦ୍ର ବାରିକ, ପ୍ରିୟବନ୍ଧୁ ମାଝୀ, ପୂର୍ବତନ ସରପଞ୍ଚ ବୈକୁଣ୍ଠ ପାଣି, ଜିଲା ସାଧାରଣ ସମ୍ପାଦକ କମଳାକାନ୍ତ ଲେଙ୍କା, ପ୍ରଫୁଲ୍ଲ ଦାସ, ଯୁବ ସଭାପତି ଛନ୍ଦାଚରଣ ନାୟକ, ଶିକ୍ଷାବିତ୍ ସୁରେନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ବିଜେଡି ନେତା ଗଣେଶ ପ୍ରସାଦ ନାୟକ, ଉମାକାନ୍ତ ସେଠୀ, ପ୍ରଦୀପ ଦାସ, ଅନିରୁଦ୍ଧ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ପରେ ମୁଖ୍ୟଅତିଥି ରାଉତରାୟ ପଞ୍ଚାୟତର ଇନ୍ଦିରା ଗ୍ରାମରେ ପୀରବାବା କମ୍ୟୁନିଟି ସେଣ୍ଟରର ଶିଳାନ୍ୟାସ ଓ ନୂଆପାଟଣା ଗ୍ରାମସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିର ପରିସରରେ ଯାତ୍ରୀନିବାସ ଉଦ୍‌ଘାଟନ କରିଥିଲେ।


କଲ୍ୟାଣ ମଣ୍ଡପ ଉଦ୍‌ଘାଟନୀ ଅବସରରେ ଅତିଥିମାନେ।

# ଜଙ୍ଗଲ କାଟି ଖଣିଜ ପରିବହନ

**ଯୋଡ଼ା,୧୫।୩(ମାନସ ମହାନ୍ତି)**

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳରେ ଥିବା ଇଙ୍ଗାଣିଝରଣ ବିସି ଦେବ ଖଣିରୁ ଖଣିଜ ପରିବହନ ପାଇଁ ଜଙ୍ଗଲ ଜମିରୁ ଗଛ କାଟି ରାସ୍ତା ନିର୍ମାଣ କରାଯାଇଛି। ଏ ନେଇ ଅଭିଯୋଗ ପରେ ବନ ବିଭାଗ ପକ୍ଷରୁ ତଦନ୍ତ ପରେ ପରିବହାନ ବନ୍ଦ କରାଯାଇଛି। ଏନେଇ ଉଚ୍ଚସ୍ତରୀୟ ତଦନ୍ତ ଚାଲିଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି।

ସୂଚନା ଅନୁଯାୟୀ, ଇଙ୍ଗାଣିଝରଣ ବିସି ଦେବ ଖଣିରୁ ଅବୈଧ ଖଣି ଖନନ ପାଇଁ ୧୧୬ କୋଟି ଟଙ୍କା ଜାରିମାନା କରାଯାଇଛି। ଉଚ୍ଚ ନ୍ୟାୟାଳୟ ଖଣିରେ ଗଚ୍ଛିତ ଥିବା ଖଣିଜକୁ ବିକ୍ରି କରି ୨୦୨୪ ଏପ୍ରିଲ ମାସ ମଧ୍ୟରେ ଜରିମାନା ପୈଠ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶ ମୁତାବକ ଗଚ୍ଛିତ ଖଣିଜକୁ ପରିବହନ କରିବା ପାଇଁ ବିସି ଦେବ ଖଣି ସଂସ୍ଥା ଖଣି ବିଭାଗ ନିକଟରୁ ଖଣିଜ ପରିବହନର ଅନୁମୋଦନ ନେଇ ଗୁରୁବାର ଜଙ୍ଗଲ ଜମିରୁ ଗଛ କାଟି ରାସ୍ତା ନିର୍ମାଣ କରି ପରିବହନ କରୁଥିଲା। ଅଭିଯୋଗ ପରେ କେନ୍ଦୁଝର ଡିଏଫଓଙ୍କ ନିର୍ଦ୍ଦେଶ କ୍ରମେ ଯୋଡ଼ା ବନପାଳ ତ୍ରିନାଥ ଜେନା ଶୁକ୍ରବାର ଚଢ଼ାଉ କରି ଜଙ୍ଗଲ ଜମିରେ ନିର୍ମିତ ରାସ୍ତାକୁ ଖୋଲି ପରିବହନ ବନ୍ଦ କରିଥିଲେ। ଏ ନେଇ ଯୋଡ଼ା ବନପାଳ ତ୍ରିନାଥ ଜେନା କହିଛନ୍ତି, ବିଶ୍ୱସ୍ତ ସୂତ୍ରରୁ ଖବର ପାଇବା ପରେ ବହୁ ସଂଖ୍ୟକ ହାତୀ ରହୁଥିବା ଗୁରୁବେଡ଼ାସ୍ଥିତ ବୈତରଣୀ ରିଜର୍ଭ ଜଙ୍ଗଲରେ ଖଣି ସଂସ୍ଥା ଚଞ୍ଚକତା କରି ରାସ୍ତା ନିର୍ମାଣ କରି ଖଣିଜ ପରିବହନ କରୁଥିଲା। ଯେହେତୁ ରାସ୍ତାଟି ଅବୈଧ ଭାବେ ଜଙ୍ଗଲ ଜମିରେ ଗଛ କାଟି ନିର୍ମାଣ କରାଯାଇଛି। ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପକ୍ଷେ ଖଣି ବିଭାଗ ଜଙ୍ଗଲ ଜମି ଦେଇ ପରିବହନ ହେଉଥିବା ଜାଣି ମଧ୍ୟ କିପରି ଉକ୍ତ ରୁଟ୍‌ରେ ଖଣିଜ ପରିବହନ ଅନୁମୋଦନ ଦେଲେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯୋଡା ଖଣି ଉପ ନିର୍ଦ୍ଦେଶକ ଦିନେଶ କୁମାର ଅଗ୍ରୱାଲ କହିଛନ୍ତି, ଜଙ୍ଗଲ ଜମିରେ ରାସ୍ତା ନିର୍ମାଣ କରି ଖଣିଜ ପରିବହନ ପାଇଁ ଅନୁମୋଦନ ଦିଆଯାଇନାହିଁ। ଉକ୍ତ ଖଣିର ପୁରୁଣା ରାସ୍ତାରେ ଖଣିଜ ପରିବହନ ପାଇଁ ଅନୁମତି ଦିଆଯାଇଛି। ତେବେ ସେ ଏ ବାବଦରେ ବିଭାଗୀୟ ଅଧିକାରୀଙ୍କ ସହ କଥା ହେବା ପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର କରିବେ ବୋଲି କହିଥିଲେ।

**ରାସ୍ତା ଖୋଲିଲା ବନ ବିଭାଗ**



## ସଂକ୍ଷେପରେ

### ଚୋରି ଘଟଣାରେ ୩ ଗିରଫ

ରାମଚନ୍ଦ୍ରପୁର,୧୫।୩(ଗଣେଶ୍ୱର ସା): କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ମଛାଳୋ ଗ୍ରାମରେ ଚୋରି ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଘସିପୁରା ଥାନା ବ୍ଲକ୍ କଲୋନୀର ଶିବ ପାତ୍ର(୨୪), ସୋସୋ ଥାନା ବାଲିବାରେଇର ପ୍ରଶାନ୍ତ ନାୟକ(୩୮) ଓ ଭଦ୍ରକ ଥାନା ବାଲୁଅ ରାମକୃଷ୍ଣପୁର ଗୋପାଳ ସାହିର ସତ୍ୟବ୍ରତ ଖିଲାର(୨୨)। ସୂଚନା ଅନୁଯାୟୀ, ମଛାଳୋ ଗ୍ରାମରେ ସର୍ବଦାମନ ପାଣିଗ୍ରାହୀ ଓ ତାଙ୍କ ସ୍ତ୍ରୀ ଉଭୟ ଶିକ୍ଷକ ଭାବେ ଦାୟିତ୍ୱରେ ଥିବାବେଳେ କୌଣସି କାର୍ଯ୍ୟରେ ୨୪ ଅକ୍ଟୋବର ୨୦୨୩ରେ କେଶଦୁରାପାଳ ଆସିଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତମାନେ ଘରେ ପଶି ଚୋରି କରିଥିଲେ। ଦମ୍ପତି ସନ୍ଧ୍ୟାରେ ଫେରିବା ତାଲା ଭଙ୍ଗାଯାଇଥିବା ଏବଂ ଘରେ ଥିବା ସୁନା ଅଳଙ୍କାର ଚୋରି ହୋଇଥିବା ଦେଖିଥିଲେ। ଅଭିଯୋଗ ପରେ ରାମଚନ୍ଦ୍ରପୁର ଥାନାରେ ଏକ ମାମଲା (ନଂ. ୨୪୮/୨୩) ରୁଜୁ ହୋଇଥିଲା। ପୋଲିସ ୩ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ବିଜୟ କୁମାର ସିଂ କହିଛନ୍ତି।

### ବାସନ ମାଜୁଥିବା ବେଳେ ଟଳିପଡ଼ିଲେ

ପାଟଣା,୧୫।୩(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଚେମେଣା ଗ୍ରାମରେ ଜଣେ ବୃଦ୍ଧା ଶୁକ୍ରବାର ସକାଳୁ ବାସନ ମାଜୁଥିବା ବେଳେ ଟଳି ପଡ଼ିଥିଲେ। ମୃତ ମହିଳା ଜଣକ ହେଉଛନ୍ତି ବେଣୁଧର ବେହେରାଙ୍କ ସ୍ତ୍ରୀ ଫୁଲମଣୀ ବେହେରା(୬୪)। ଶୁକ୍ରବାର ସକାଳୁ ଫୁଲମଣି ବାସନ ମାଜୁଥିବା ସମୟରେ ଟଳି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପରିବାର ଲୋକେ ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ ହେଁ ସେଠାରେ ଡାକ୍ତରତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ତୁରୁମୁଙ୍ଗା ଥାନା ଏଏସଆଇ ବିରେନ୍ଦ୍ର କିଶୋର ବେହେରା ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ତୁରୁମୁଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୮/୨୪) ରୁଜୁ ହୋଇଛି।

### ଅବସରକାଳୀନ ସମ୍ବର୍ଦ୍ଧନା ସଭା

ବାଙ୍ଗିରିପୋଷି,୧୫।୩(ସଞ୍ଜୟ କୁମାର ଅଗ୍ରୱାଲା): ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ଜଳଡିହା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟ ଗଣେଶ ଚନ୍ଦ୍ର ବସାଙ୍କୁ ବିଦ୍ୟାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏନେଇ ଏକ ସଭା ହୋଟେଲ ଅନିତାରେ ଅନୁଷ୍ଠିତ ହୋଇଯାଇଛି। ଗଣେଶ ପ୍ରଥମେ ସମ୍ବଲପୁର ଜିଲା ହାତୀବାରୀ ହେଲଥ ହୋମରେ ଫାର୍ମାସିଷ୍ଟ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ଦୀର୍ଘ ୪୨ ବର୍ଷ କର୍ମମୟୀ ଜୀବନ ଭିତରେ ଜଳଡିହା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ୧୪ ବର୍ଷ ଧରି ଲୋକଙ୍କ ସେବା କରିଛନ୍ତି। ସମ୍ବର୍ଦ୍ଧନା ସଭାରେ ଫାର୍ମାସିଷ୍ଟ ଶୁଶାନ୍ତ ଶେଖର ଚୌଧୁରୀ, ପଙ୍କଜ ଦାସ ଓ ମନ ରଞ୍ଜନ କର ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧନା ଜଣାଇବା ସହିତ ତାଙ୍କର କର୍ମମୟୀ ଜୀବନର ଗୁଣଗାନ କରିଥିଲେ।

### ସାଇଁକୁଲ ଉପ-ଡାକଘର ଆଧାର ମେଶିନ ଅଚଳ

ରାମଚନ୍ଦ୍ରପୁର,୧୫।୩(ଗଣେଶ୍ୱର ସା): କେନ୍ଦୁଝର ଜିଲା ଘଷିପୁରା ବ୍ଲକ୍ ଅନ୍ତର୍ଗତ ସାଇଁକୁଲ ଉପ-ଡାକଘର ଆଧାର ମେଶିନ ଏକ ମାସ ହେବ ଅଚଳ ହୋଇପଡ଼ିଛି। ଉଚ୍ଚ କର୍ତ୍ତୃପକ୍ଷ ଏହାକୁ କାର୍ଯ୍ୟକ୍ଷମ କରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇଛି। ସାମ୍ପ୍ରତିକ ସମୟରେ ଛାତ୍ରୀଛାତ୍ର ତଥା ପ୍ରତ୍ୟେକ ବର୍ଗର ଜନସାଧାରଣଙ୍କ ପାଇଁ ଆଧାର ପରିଚୟ ପତ୍ର ଏକାନ୍ତ ଅପରିହାର୍ଯ୍ୟ। ଦୈନନ୍ଦିନ ସାଇଁକୁଲ ତଥା ଏହି ଉପ-ଡାକଘର ଉପରେ ନିର୍ଭର କରୁଥିବା ୧୨ ପଞ୍ଚାୟତର ଛାତ୍ରୀଛାତ୍ର ଓ ଜନସାଧାରଣ ଆଧାର ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଏଠାକୁ ଆସିଥାନ୍ତି। ମେସିନ କାର୍ଯ୍ୟ କରୁ ନ ଥିବାରୁ ଏଠାରୁ ପ୍ରାୟ ୧୦ କି.ମି. ଦୂର ଘସିପୁରା ଉପ-ଡାକଘରେ ଦିନ ତମାମ ଲାଇନ୍‌ରେ ଠିଆ ହେବାକୁ ପଡୁଛି ବୋଲି କହିଛନ୍ତି। ସାଇଁକୁଲ ଉପ-ଡାକଘରର ଆଧାର ମେସିନକୁ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ କରିବା ନିମନ୍ତେ ଆଞ୍ଚଳିକ ନାଗରିକ ମଞ୍ଚ ତରଫରୁ ନିବେଦନ କରାଯାଇଛି। ସାଇଁକୁଲ ପୋଷ୍ଟ ଅଫିସର ଏସପିଏମ ଗୋବିନ୍ଦ ସାହୁ କହିଛନ୍ତି, ଶୁକ୍ରବାର ମେସିନ ପହଞ୍ଚିଛି, ସୋମବାରଠାରୁ ଜନସାଧାରଣ ସେବା ପାଇପାରିବେ।

# ପଞ୍ଚାୟତ ସମସ୍ୟା ନେଇ ସରପଞ୍ଚଙ୍କ ଦାବିପତ୍ର

**ଆନନ୍ଦପୁର,୧୫।୩(ଉମେଶ ଚନ୍ଦ୍ର ପାଢ଼ୀ)**

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ବେଲବାହାଳି ପଞ୍ଚାୟତରେ ବିଭିନ୍ନ ସମସ୍ୟାକୁ ନେଇ ସରପଞ୍ଚ ଦୀପ୍ତି ସାହୁ ଆନନ୍ଦପୁର ଉପଜିଲାପାଳ ଫାଲଗୁନି ମାଝୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପଞ୍ଚାୟତରେ ପିଇବା ପାଣି ସମସ୍ୟା ଉତ୍କଟ ରୂପ ନେଇଥିବା ବେଳେ ଷ୍ଟ୍ରିଟ୍ ଲାଇଟ ଥାଇ ମଧ୍ୟ ରାସ୍ତାଘାଟ ଅନ୍ଧାର ରହୁଛି। ଏହାବ୍ୟତୀତ ଭିଆଇପି ରୋଡ୍ ପାଇଁ ଅନୁମତି ପ୍ରଦାନ, ଏନ୍ଏଚ୍‌ରୁ ବେଲବାହାଳିକୁ ସଂଯୋଗ ହୋଇଥିବା ରାସ୍ତା ମରାମତି କାମ ଅଧାପନ୍ତରିଆ କରି ଠିକାଦାର ପଳାଇଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ବେଇବାହାଳି ପଞ୍ଚାୟତରେ ଅନେକ ଯୋଗ୍ୟ ବୃଦ୍ଧବୃଦ୍ଧା ଭତ୍ତା ପାଇବାରୁ ବଞ୍ଚିତ ରହିଛନ୍ତି। ସେହିପରି ପାଣିର ସମସ୍ୟା ଉପୁଜୁଥିବା ବେଳେ ମେଗା କମ୍ପାନୀର ସ୍ଥାନୀୟ ଠିକାଦାରମାନେ ବର୍ଷ ବର୍ଷ ଧରି ରାସ୍ତାଘାଟ ଭାଙ୍ଗି ଖଣ୍ଡିଆ ଖାବରା କରି ଓଭରହେଡ୍ ପାଣି ପାଇପ୍ ଫଟାଇ ଲୋକମାନଙ୍କୁ ନାହିଁ ନ ଥିବା ହଇରାଣ କରୁଛନ୍ତି। ଯାହା ଦ୍ୱାରା ନଦୀ, ପୋଖରୀ ପାଣି ପିଇ ଲୋକମାନେ ରୋଗରେ ପଡୁଛନ୍ତି। ତୁରନ୍ତ ଏହାର ସମାଧାନ ପାଇଁ ସରପଞ୍ଚ ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ଆନନ୍ଦପୁର ମହାବିଦ୍ୟାଳୟରେ ବୈତରଣୀ ବକ୍ତୃତାମାଳା

**ଆନନ୍ଦପୁର,୧୫।୩(ଉମେଶ ଚନ୍ଦ୍ର ପାଢ଼ୀ)**

କେନ୍ଦୁଝର ଜିଲା ଆନନ୍ଦପୁର ମହାବିଦ୍ୟାଳୟରେ ଏକାଦଶ ବୈତରଣୀ ବକ୍ତୃତାମାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ମିଶ୍ରଙ୍କ ପୌରାହିତ୍ୟ ଓ ସଂଯୋଜକ ରବୀନ୍ଦ୍ର କୁମାର ନାୟକଙ୍କ ସହଯୋଗିତାରେ ସମ୍ମାନିତ ବକ୍ତାଭାବେ ନାଟ୍ୟକାର ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ନାରାୟଣ ସାହୁ, ସାଧୁ ଅଖଣ୍ଡାନନ୍ଦ ସ୍ୱାମୀ ଯୋଗଦେଇଥିଲେ। ଅତିଥିମାନେ ଭାରତର ଋଷି ମୁନିମାନଙ୍କୁ ନେଇ କିପରି ଅତୀତରେ ସମୃଦ୍ଧ ଥିଲା ସେ ସମ୍ବନ୍ଧୀୟ ଅନେକ ରୋଚକ ତଥ୍ୟ ଉପସ୍ଥାପନ କରିଥିଲେ। ସଭାର ସଂଯୋଜନା ଅଧ୍ୟାପକ ରଘୁଦୀପ୍ତି ନାୟକ, ଅଧ୍ୟାପକ ବଶିଷ୍ଠ ବେହେରା ଅତିଥି ପରିଚୟ ଓ ଅଧ୍ୟାପକ କାହ୍ନୁ ଚରଣ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ବରିଷ୍ଠ ପ୍ରାଧ୍ୟାପକ ଶେଖର ପ୍ରସାଦ ଦେବତା, ଶକ୍ତିପ୍ରସାଦ ମହାପାତ୍ର, ପ୍ରଫୁଲ୍ଲ ପଣ୍ଡା, ରବୀନ୍ଦ୍ର ସାହୁ, ପ୍ରଦୀପ ଧଳ, ଶିବଚରଣ ବେହେରା, ଦିବ୍ୟାଲୋଚନ ଭୂୟାଁ, ଯୁବ ଅଧ୍ୟାପକ ପ୍ରକାଶ ସାହୁ, ଦେବାଶିଷ ଆଚାର୍ଯ୍ୟ, ନାରାୟଣ ହେମ୍ବ୍ରମ, ପ୍ରଦୀପ ପୃଷ୍ଟି, ପ୍ରାଧ୍ୟାପିକା ଶ୍ରୀଲେଖା ସାହୁ, ଅନିତା ଦାଶ, ଭାରତୀ ସାହୁ, ତନୁଶ୍ରୀ ପଣ୍ଡା, ସ୍ଥିତପ୍ରଜ୍ଞା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# 'ଚାଷ ପୂର୍ବରୁ ମାଟି ପରୀକ୍ଷଣ ଜରୁରୀ'




ମଞ୍ଚରେ ଉପସ୍ଥିତ ଅତିଥିମାନେ।

## ପରିବର୍ତ୍ତିତ ଜଳବାୟୁ ସହନଶୀଳ ଶସ୍ୟ କର୍ମଶାଳା

**ଘସିପୁରା,୧୫।୩(ନିରଞ୍ଜନ ସାହୁ)**

କେନ୍ଦୁଝର ଜିଲା ଆନନ୍ଦପୁର ପୌରପରିଷଦ ଘସିପୁରାଠାରେ ସିଆଇଡବ୍ଲ୍ୟୁଏ (ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ ଅଫ ଓମେନ୍ ଇନ୍ ଏଗ୍ରିକଲଚର୍) ପକ୍ଷରୁ ପରିବର୍ତ୍ତିତ ଜଳବାୟୁ ସହନଶୀଳ ଶସ୍ୟ ସମ୍ପର୍କିତ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସିଆଇଡବ୍ଲ୍ୟୁଏ ଭୁବନେଶ୍ୱର ଅଧକ୍ଷା ଡ. ମିଦୁଲା ଦେବୀଙ୍କ ସଭାପତିତ୍ୱରେ ବରିଷ୍ଠ ବୈଜ୍ଞାନିକ ଡ. ସଚ୍ଚିଦାନନ୍ଦ ସ୍ୱାଇଁ ସ୍ୱାଗତ ଭାଷଣ ପୂର୍ବକ ବିଶ୍ୱ ବ୍ୟାଙ୍କ ଅନୁଦାନରେ ଚାଲିଥିବା କୃଷି ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟ ଅତିଥିଭାବେ ଆନନ୍ଦପୁର ଅତିରିକ୍ତ ଜିଲାପାଳ କିଶୋର ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥିଭାବେ ଜିଲା ମୁଖ୍ୟ କୃଷି ଅଧିକାରୀ ମିହିର କୁମାର ସାହୁ, ବରିଷ୍ଠ ବୈଜ୍ଞାନିକ ତଥା ଜିଲା କେଭିକେ ମୁଖ୍ୟ ଡ.ସୁକାନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇ ମହିଳାମାନଙ୍କୁ ପରିବର୍ତ୍ତିତ ଜଳବାୟୁକୁ ଆଧାର କରି ଚାଷ କ୍ଷେତ୍ରରେ ନିଜକୁ ନିୟୋଜିତ କରିବାକୁ ପରାମର୍ଶ ଦେଇଥିଲେ। ବିଭିନ୍ନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ଉନ୍ନତମାନର ଚାଷ କରାଯାଇ ସଫଳତା ଆସୁଥିବାରୁ ସରକାରୀସ୍ତରରେ ମିଶନଶକ୍ତି ମାଧ୍ୟମରେ ମହିଳାମାନଙ୍କୁ ଶସକ୍ତ କରାଯାଉଥିବା ଅତିଥିମାନେ ପ୍ରକାଶ କରିଥିଲେ। ତେବେ ପ୍ରତ୍ୟେକ କ୍ଷେତ୍ରରେ ଚାଷ କାର୍ଯ୍ୟ କରିବା ପୂର୍ବରୁ ମାଟିକୁ ଭଲ ଭାବେ ପରୀକ୍ଷଣ କରାଯିବା ଏକାନ୍ତ ଜରୁରୀ ବୋଲି କୁହାଯାଇଥିଲା। ସମ୍ପ୍ରତି ସମୟରେ ଜଳବାୟୁ ପରିବର୍ତ୍ତନମୁଖୀ ହୋଇଥିବାବେଳେ ଜଳବାୟୁର ପରିବର୍ତ୍ତନକୁ ଆଧାର କରି କିପରି ଉନ୍ନତମାନର ଚାଷ କରାଯାଇ ପୁଷ୍ଟିଶସ୍ୟ ଉତ୍ପାଦିତ ହୋଇପାରିବ ଆୟୋଜିତ କାର୍ଯ୍ୟକ୍ରମରେ ସେ ସମ୍ପର୍କରେ ପରାମର୍ଶ ଦିଆଯାଇଥିଲା। ଉନ୍ନତମାନର ବିହନ ଦ୍ୱାରା ପୁଷ୍ଟି ଶସ୍ୟ ଉତ୍ପାଦିତ କରାଯିବା ଏବଂ ଉତ୍ପାଦିତ ଶସ୍ୟକୁ ବ୍ୟବସାୟ ମାଧ୍ୟମରେ ଲାଭାନ୍ୱିତ ହେବାର ବିଭିନ୍ନ ପ୍ରଣାଳୀ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶେଷରେ ବରିଷ୍ଠ ବୈଜ୍ଞାନିକ ଡ. ପ୍ରଭିନ ଜାଖର ଧନ୍ୟବାଦ ଅର୍ପଣ କରିଥିଲେ। ଉପସ୍ଥିତ ମହିଳାମାନେ ଚାଷ ସମ୍ପର୍କରେ ନିଜର ଅଭିଜ୍ଞତା ଉପସ୍ଥାପନ କରିବା ସହିତ ବିଭିନ୍ନ ସମସ୍ୟା ଦିଗରେ ଆଲୋଚନା କରିଥିଲେ।

# ପୋଲିଂ ଅଧିକାରୀଙ୍କୁ ତାଲିମ

**ଚମ୍ପୁଆ,୧୫।୩(ମହେଶ୍ୱର ଦାସ):** ଚଳିତ ଲୋକସଭା ଓ ବିଧାନସଭା ନିର୍ବାଚନ ପରିଚାଳନା ନିମନ୍ତେ ଶୁକ୍ରବାର ପୋଲିଂ ଓ ପ୍ରିଜାଇଡିଂ ଅଧିକାରୀମାନଙ୍କ ତାଲିମ ଶିବିର ଚମ୍ପୁଆ ବ୍ଲକ୍ ପାଇଁ ସ୍ଥାନୀୟ ମହତାବ ଉଚ୍ଚ ବିଦ୍ୟାଳୟରେ ଆରମ୍ଭ ହୋଇଛି। ୧୫ ରୁ ୧୯ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ହେବାକୁ ଥିବା ଏହି ଶିବିର ସକାଳ ୯ ଟା ୩୦ରୁ ଆରମ୍ଭ ହୋଇ ଅପରାହ୍ନ ୫ ଟା ପର୍ଯ୍ୟନ୍ତ ଚାଲୁଛି। ଉପ ଜିଲାପାଳଙ୍କ ତତ୍ତ୍ୱାବଧାନରେ ଶିବିର ୫ଟି ବ୍ଲକ୍ ଯଥା ଚମ୍ପୁଆ, ଯୋଡା, ଝୁମ୍ପୁରା, ପାଟଣା ଓ ସାହାରପଡ଼ାର ବିଭିନ୍ନ ଅନୁଷ୍ଠାନରେ ଆରମ୍ଭ ହୋଇଛି। ବିଡିଓ, ତହସିଲଦାରଙ୍କ ସମେତ ନିର୍ବାଚନ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ। ପୋଲିଂ ଅଧିକାରୀ ମାନେ କିପରି ବ୍ୟବସ୍ଥିତ ଭାବେ ଡିସ୍ପୋଜାଲ କେନ୍ଦ୍ରରୁ ବୁଥ୍ ପର୍ଯ୍ୟନ୍ତ ଯିବେ, ବୁଥ୍‌ରେ କେଉଁ କର୍ମଚାରୀଙ୍କ କ'ଣ କାମ ତାହା ବୁଝାଇଥିଲେ। ଇଭିଏମ, ଭିଭିପାର୍ଟ କିପରି ସଂଯୋଗ କରିବେ, କଂଟ୍ରୋଲ ୟୁନିଟ୍‌ର କାର୍ଯ୍ୟ ଆଦିର ସୂଚନା ଦେଇଥିଲେ। ପ୍ରତ୍ୟେକ ପୋଲିଂ ଅଧିକାରୀ ନିଜ ନିଜର କର୍ତ୍ତବ୍ୟକୁ ସମ୍ପାଦନ କରିବାରେ ସଫଳ ହେଲେ ଯାଇ ଗଣତନ୍ତ୍ରର ପବିତ୍ର କାର୍ଯ୍ୟ ନିର୍ବାଚନ ସଫଳ ହୋଇପାରିବ ବୋଲି ଉପ ଜିଲାପାଳ ମତବ୍ୟକ୍ତ କରିଥିଲେ।

# ଏଏପିର ନିର୍ବାଚନୀ ବୈଠକ

**କେନ୍ଦୁଝର,୧୫।୩(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ଏଏପି ପକ୍ଷରୁ ନିର୍ବାଚନୀ ପ୍ରସ୍ତୁତି ବୈଠକ ଶୁକ୍ରବାର ଜିଲା ସଭାପତି ମେଘନାଦ ମାଝୀଙ୍କ ନେତୃତ୍ୱରେ ଜିଲା ପାର୍ଟି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଜିଲାର ୬ ବିଧାନସଭା ନିର୍ବାଚନୀ ମଣ୍ଡଳୀରେ ବିଧାୟକ ଓ ଏକ ମାତ୍ର ଏମ୍‌ପି ପ୍ରାର୍ଥୀଙ୍କୁ ଏଏପି ଝାଡୁ ଚିହ୍ନରେ ଟିକେଟ ଦେଇ ଛିଡ଼ା କରିବ ବୋଲି ନିଷ୍ପତ୍ତି ନିଆଯାଇଛି। ଭାରତର ରାଜଧାନୀ ଦିଲ୍ଲୀ ଓ ପଞ୍ଜାବ ଭଳି ଦେଶର ଶିକ୍ଷିତ ଓ ଉନ୍ନତ ରାଜ୍ୟରେ ନିଜର ଦବ୍‌ଦବା ଜାହିର କରିଥିବା ବେଳେ ଓଡ଼ିଶାରେ ମଧ୍ୟ ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ପାଣି ଓ ରୋଜଗାରକୁ ନେଇ ନିର୍ବାଚନ ରଣାଙ୍ଗନରେ ମୁଖ୍ୟ ଲକ୍ଷ ହେବ ବୋଲି ରଣ ହୁଙ୍କାର ଦେଇଛନ୍ତି। ଏହି ଅବସରରେ ଅନ୍ୟ ଦଳ ଛାଡ଼ି ବିନୋଦ ନାଏକଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ସେଚ୍ଛାକୃତ ଭାବେ ଆମ ଆଦମୀ ପାର୍ଟିରେ ଯୋଗ ଦେଇଛନ୍ତି । ଜିଲା ଉପସଭାପତି ଭବାନୀଶଙ୍କର ମହାନ୍ତ, ଜିଲା ସଂଯୋଜକ ପ୍ରିୟବ୍ରତ ଆରୁକ, ସାଧାରଣ ସମ୍ପାଦକ ଜୟକୃଷ୍ଣ ନାଏକ, ସନ୍ତୋଷ ବାରିକ, ପଳାଶପଙ୍ଗା ଅଞ୍ଚଳର ରାକେଶ ସାହୁ, ପଦ୍ମପୁର ଅଞ୍ଚଳର ତୁଳସୀ ପାତ୍ର, ଆନନ୍ଦପୁର ସୁମନ୍ତ ମଲ୍ଲିକ ଯୋଗ ଦେଇଥିବା ବେଳେ ଜିଲାର କୋଣଅନୁକୋଣରୁ ବରିଷ୍ଠ କର୍ମୀମାନେ ଯୋଗଦେଇଥିଲେ।

# ୩ ବର୍ଷ ହେଲା ସରୁନି ମାର୍କେଟ କମ୍ପ୍ଲେକ୍ସ କାର୍ଯ୍ୟ

**ହାଟଡ଼ିହୀ,୧୫।୩(ଶୁଭକାନ୍ତ ନାୟକ)**

ସରକାରୀ ଯୋଜନାରେ ବ୍ୟୟ ବରାଦ ହେଉଥିବା ଅନୁଦାନ ଠିକ୍ ଢଙ୍ଗରେ ବିନିଯୋଗ ହେଉନି। ଫଳରେ ସରକାରୀ ଯୋଜନାର ଉଦ୍ଦେଶ୍ୟ ସାଧିତ ହୋଇପାରୁନି। ଏହାର ଏକ ଉଦାହରଣ କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଢେଙ୍କା ପଞ୍ଚାୟତରେ ଦେଖିବାକୁ ମିଳିଛି। ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଚାରି କୋଠରୀ ବିଶିଷ୍ଟ ଏକ ମାର୍କେଟ କମ୍ପ୍ଲେକ୍ସ କାର୍ଯ୍ୟ ୩ ବର୍ଷ ପୂର୍ବେ ଆରମ୍ଭ ହୋଇଥିଲା। ୩ ବର୍ଷ ମଧ୍ୟରେ ୨ ଯନ୍ତ୍ରୀ ବଦଳି ଥିଲେ ବି କମ୍ପ୍ଲେକ୍ସ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରିନି। ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ପଞ୍ଚମ ଏସ୍ଏଫ୍‌ସି ପାଣ୍ଠିରୁ ୮ ଲକ୍ଷ ଟଙ୍କା ବରାଦ ହୋଇଥିଲା। ୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବିଲ୍ ଉଠାଣ ହୋଇଛି। ନିର୍ମାଣ କାର୍ଯ୍ୟ ସରି ନ ଥିବାରୁ ଅଧାଖଣ୍ଡିଆ ମାର୍କେଟ କମ୍ପ୍ଲେକ୍ସ ଏବେ ଷଣ୍ଢ, କୁକୁର, ବୁଲା ଗୋରୁଙ୍କ ଆଶ୍ରୟସ୍ଥଳୀ ପାଲଟିଛି। ମାର୍କେଟ କମ୍ପ୍ଲେକ୍ସର ଚାରି ପଟେ ଅନାବନା ଲତା, ବୁଦା ମାଡି ଗଲାଣି। ଅଧାଖଣ୍ଡିଆ ଗୃହ ଗୁଡ଼ିକ ପରିତ୍ୟକ୍ତ ଅବସ୍ଥାରେ ମୁକୁଳା ଅବସ୍ଥାରେ ପଡ଼ିଥିବାରୁ ଗୃହର ଅବସ୍ଥା ଦୟନୀୟ ହୋଇଗଲାଣି। ଗୃହ କାନ୍ଥରୁ ସିମେଣ୍ଟ ପ୍ଲାଷ୍ଟର ଖସିଲାଣି। ପଞ୍ଚାୟତର ଯନ୍ତ୍ରୀ ପ୍ରଫୁଲ୍ଲ ବେହେରା କହିଛନ୍ତି, ସେ କାର୍ଯ୍ୟ ବାବଦରେ ତାଙ୍କ ପାଖରେ ଫାଇଲ ନାହିଁ। ପୂର୍ବତନ ଯନ୍ତ୍ରୀ ଜ୍ୟୋତି ରଞ୍ଜନ ସାମନ୍ତରାୟ କହିଛନ୍ତି, ଯେତିକି କାର୍ଯ୍ୟ ହୋଇଥିଲା, ସେତିକି ବିଲ ହୋଇଛି। ଫାଇଲ ପଞ୍ଚାୟତର ଜିଆରଏସ୍ ରଖି ଥିଲେ। ପୂର୍ବତନ ଜିଆରଏସ ପ୍ରଫୁଲ୍ଲ ମାଝୀ କହିଛନ୍ତି, ସମ୍ପୃକ୍ତ ଫାଇଲ ଅଡିଟ ଟିମ୍‌କୁ ଦିଆଯାଇଛି। ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ କହିଛନ୍ତି, ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଦିଗରେ ଆବଶ୍ୟକୀୟ ପଦକ୍ଷେପ ଏବଂ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ଫାଇନାନ୍ସ କମ୍ପାନୀର ଜୁଲମ୍‌ରେ ଲୋକେ ଅତିଷ୍ଠ

**କେନ୍ଦୁଝର,୧୫।୩**
**(ନରେଶ ଚନ୍ଦ୍ର ପଟ୍ଟନାୟକ )**

ଆଦିବାସୀ ବହୁଳ କେନ୍ଦୁଝର ଜିଲାରେ ବିଭିନ୍ନ ଘରୋଇ ଫାଇନାନ୍ସ କମ୍ପାନୀର ଜୁଲମରେ ଲୋକେ ଅତିଷ୍ଠ ହୋଇ ପଡ଼ିଲେଣି। ସଦର ବ୍ଲକ୍ ଅନ୍ତର୍ଗତ ଗୋବର୍ଦ୍ଧନ ପଞ୍ଚାୟତ ସେଣ୍ଡକାପ ତଥା ଆଖପାଖ ଗ୍ରାମ, ହରିଚନ୍ଦନପୁର ବ୍ଲକ୍ ତଥା ଅନ୍ୟ ବ୍ଲକଗୁଡ଼ିକର ମହିଳାମାନେ ଫାଇନାନ୍ସ କମ୍ପାନୀର ଜୁଲମରେ ଘର ଓ ଜମି ବାଡ଼ି ବିକି ଋଣ ଶୁଝିବାକୁ ବାଧ ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ଯୁବ ଓ ଶ୍ରମ ବିକାଶ ମଞ୍ଚ ପକ୍ଷରୁ ଜିଲା ପ୍ରଶାସନ ନିକଟରେ ଦାବି କରାଯାଇଛି।

ସୂଚନାଯୋଗ୍ୟ, ଗ୍ରାମାଞ୍ଚଳ ତଥା ଆଦିବାସୀ ଅଞ୍ଚଳରେ ଲୋକେ ସାଧାରଣତଃ ବାଡ଼ି ବଗିଚା, ମୂଲ ମଜୁରୀ କରି ପରିବାର ପ୍ରତିପୋଷଣ କରିଥାଆନ୍ତି। ଗରୀବ ନିରୀହ ଓ ସରଳତାର ସୁଯୋଗ ନେଇ ବହୁ ଘରୋଇ କମ୍ପାନୀ ୫୦ ହଜାରରୁ ୮୦ ହଜାର ଟଙ୍କା ଲେଖାଏ ଋଣ ପ୍ରଦାନ କରିଛନ୍ତି। ଋଣରେ ଲୋକେ ଛେଳି, କୁକୁଡ଼ା, ବତକ ଆଦି କିଣି ବେପାର ଆରମ୍ଭ କରିଥିଲେ। ପରବର୍ତ୍ତି ସମୟରେ ଯେତିକି ଋଣ ଟଙ୍କା ଆଣିଥିଲେ ସୁଧ ମୂଳ ସହିତ ପରିଶୋଧ କରିଥିଲେ ମଧ୍ୟ ବକେୟା ଟଙ୍କା ରହିଛି ବୋଲି ସଂସ୍ଥାର କର୍ମଚାରୀ ଘରେ ଆସି ଜୁଲମ କରୁଥିବା ଅଭିଯୋଗ ହୋଇଛି। ଏମିତିକି କମ୍ପାନୀର ଏଜେଣ୍ଟମାନେ ଘରେ ଝିଅ, ବୋହୂ, ମହିଳା ଥିଲେ ମଧ୍ୟ ଦିନ ରାତି ଘରେ ଜଗି ରହୁଛନ୍ତି। ଅଶ୍ଳୀଳ ଭାଷା ପ୍ରୟୋଗ କରୁଛନ୍ତି। ଫଳରେ ଅନେକ ସମୟରେ ଅଭାବନୀୟ ପରିସ୍ଥିତି ଉପୁଜୁଛି। ପ୍ରତିବାଦ କଲେ ଆଇନ କାନୁନ ଓ ପୋଲିସ ଭୟ ଦେଖାଉଛନ୍ତି। ଜୁଲୁମରେ ଅତିଷ୍ଠ ହୋଇ ଝିଅ, ବୋହୂ, ମହିଳାମାନେ ଲୁଚି ଛପି ରହୁଥିବାବେଳେ ଆଉ କିଛି ଲୋକ ଘର ଛାଡ଼ି ଦାଦନ ଘଟିବାକୁ ପଳାଇବାକୁ ବାଧ ହେଉଛନ୍ତି। ଜୁଲମ ବିରୋଧରେ ତଦନ୍ତ କରି ଦୃଢ଼ ପଦକ୍ଷେପ ନେବାକୁ ପ୍ରମିଳା ନାଏକ, କ୍ଷୀରଦ ନାଏକ, ସୁର ନାଏକ, ଝିଲି ନାଏକ, ଅନୁରାଧା ନାଏକ, ରୀନା ନାଏକ, ରୀତା ନାଏକ, ମେଞ୍ଜି ମୁଣ୍ଡା, ସଞ୍ଜୁ କାରୁଆ, ଚୁନି ନାଏକ, ରଞ୍ଜୁ ସେଠୀ, ପ୍ରଭାସିନୀ ସେଠୀ ପ୍ରମୁଖ ଯୁବ ଓ ଶ୍ରମ ବିକାଶ ମଞ୍ଚ ସହାୟତାରେ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି।

**ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି**

# ୪ ଗାଁକୁ ମିଳୁନି ରାଜସ୍ୱ ମାନ୍ୟତା

**ଆନନ୍ଦପୁର,୧୫।୩**
**(ଉମେଶ ଚନ୍ଦ୍ର ପାଢ଼ୀ)**

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ହାଟଡିହୀ ବ୍ଲକ୍ ହଦଗଡ଼ ପଞ୍ଚାୟତର ପିତାନାଉ, ଦଳିକି, ରତ୍ନମରା ଓ ସୁଜୁନାପାଳକୁ ରାଜସ୍ୱ ଗ୍ରାମ ମାନ୍ୟତା ମିଳିପାରୁନି। ଏଠାରେ ଜଙ୍ଗଲ ଅଧିକାର ଆଇନ-୨୦୦୬କୁ କାର୍ଯ୍ୟକାରୀ କରାଯାଉ ନ ଥିବାରୁ ଗ୍ରାମବାସୀ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ୨୦୨୧ରେ କେନ୍ଦୁଝରର ତତ୍କାଳୀନ ଜିଲାପାଳଙ୍କ ନିର୍ଦ୍ଦେଶକୁ ୩ ବର୍ଷ ହେବ ଅଧିକାରୀମାନେ ଅଣଦେଖା କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜଙ୍ଗଲ ମଧ୍ୟରେ ଥିବା ଗ୍ରାମ ଓ ପୁରାତନ ବସତି ଗୁଡ଼ିକୁ ରାଜସ୍ୱ ଗ୍ରାମରେ ପରିଣତ କରିବାପାଇଁ ଜଙ୍ଗଲ ଅଧିକାର ଆଇନରେ ଉଲ୍ଲେଖ ରହିଛି। ରାଜ୍ୟ ସରକାରଙ୍କଠାରୁ କେନ୍ଦୁଝର ଜିଲାପାଳ ଚିଠି ପାଇବା ପରେ ୨୦୨୧ରେ ସାରା ଜିଲାରେ ଥିବା ଜଙ୍ଗଲ ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ କରିବାପାଇଁ ନିର୍ଦ୍ଦେଶନାମା ଜାରି କରିଥିଲେ। ସେହି ଅନୁସାରେ ହଦଗଡ଼ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଗ୍ରାମସଭା କରାଯାଇଥିଲା। ସଭା ପରେ ଆଜି ପର୍ଯ୍ୟନ୍ତ ଏ ଦିଗରେ କିଛି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଗ୍ରାମବାସୀ ଏ ନେଇ ବାରମ୍ବାର ଆନନ୍ଦପୁର ଉପ ଜିଲାପାଳ, ହାଟଡିହୀ ତହସିଲଦାରଙ୍କୁ ଦେଖା କରି ଅଭିଯୋଗ କରୁଥିଲେ ମଧ୍ୟ ଫଳ ଶୂନ। ଶୁକ୍ରବାର ଗ୍ରାମର ଅଭିରାମ ନାୟକ, ରବୀନ୍ଦ୍ର ଦଣ୍ଡପାଟ ପ୍ରମୁଖ ଆନନ୍ଦପୁର ଉପ ଜିଲାପାଳ ଫାଲଗୁନି ମାଝୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଉପରୋକ୍ତ ଗ୍ରାମ ଗୁଡ଼ିକୁ ରାଜସ୍ୱ ଗ୍ରାମ ମାନ୍ୟତା ପ୍ରଦାନ କରିବାକୁ ଦାବି ଜଣାଇଛନ୍ତି।

**ଉପ ଜିଲାପାଳଙ୍କୁ ଦାବିପତ୍ର**

# 'ଜଙ୍ଗଲ ସୁରକ୍ଷିତ ରହିଲେ ଜନଜୀବନ ସୁରକ୍ଷିତ ରହିବ'

**ସୋସୋ,୧୫।୩(ସତ୍ୟବ୍ରତ ଜେନା)**



ବନ ଅଧିକାରୀ, ଜନ ପ୍ରତିନିଧି ଓ ସ୍ଥାନୀୟ ଲୋକେ।

କେନ୍ଦୁଝର ଜିଲା ସୋସୋ ଥାନା ଅଧୀନ ହଦଗଡ଼ ବନାଞ୍ଚଳ କାଠକଟା ସେକ୍ସନ କାର୍ଯ୍ୟାଳୟରେ ବନାଞ୍ଚଳସ୍ତରୀୟ ଏକ ବନାଗ୍ନି ନିରାକରଣ ତାଲିମ ଶିବର ଅନୁଷ୍ଠିତ ହୋଇଯାଇଛି। କାଠକଟା ସେକ୍ସନ ବନପାଳ ଡମ୍ବରୁଧର ମହାନ୍ତଙ୍କ ସଂଯୋଜନାରେ ମୁଖ୍ୟ ଅତିଥିଭାବେ ୩୬ ନଂ. ଜୋନ ଜିଲା ପରିଷଦ ସଦସ୍ୟା କୌଶଲ୍ୟା ସେଠୀ, ହଦଗଡ଼ ବନାଞ୍ଚଳ ଅଧିକାରୀ ମାର୍ଶାଲ କିସ୍କୁ ଓ ବରଣ୍ୟ ଅତିଥି ଅଶୋକ ବିଶ୍ୱାଳ, କଣ୍ଟିପାଳ ସରପଞ୍ଚ ପଦ୍ମିନୀ ନାୟକ ଓ ତରତରା ସରପଞ୍ଚ ତୃପ୍ତିରେଖା ସାମଲ ଯୋଗଦେଇଥିଲେ। ଗ୍ରୀଷ୍ମ ଋତୁ ଆରମ୍ଭରୁ ନିଆଁ ଦାଉରୁ କିପରି ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କୁ ରକ୍ଷା କରିବା ସେ ନେଇ କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା। ଜଙ୍ଗଲରୁ ଅମ୍ଳଜାନ, ଔଷଧ ମିଳିବା ସହ ବର୍ଷା ମଧ୍ୟ ମିଳୁଛି। ତେଣୁ ଜଙ୍ଗଲ ଆମର ଉପକାର କରୁଥିବାରୁ ଆମେ ମଧ୍ୟ ଜଙ୍ଗଲକୁ ସୁରକ୍ଷିତ ରଖିବା ସହ ନିଆଁ ନ ଲଗାଇବାକୁ ଅତିଥିମାନେ ନିଜର ମତବ୍ୟକ୍ତ କରିଥିଲେ। ଜଙ୍ଗଲ ସୁରକ୍ଷିତ ରହିଲେ ଜନ ଜୀବନ ମଧ୍ୟ ସୁରକ୍ଷିତ ରହିବ ବୋଲି ଅତିଥିମାନେ କହିଥିଲେ। ଯଦି କେହି ଦୁର୍ବୃତ୍ତ ଜଙ୍ଗଲରେ ନିଆଁ ଲଗାଇବାକୁ ଚେଷ୍ଟା କରେ ଏବଂ କେହି ସାଧାରଣ ଜନତା ବନ ବିଭାଗକୁ ଖବର ଦିଏ ସହକାରୀଙ୍କୁ ୫ ହଜାର ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ଖବର ଦେଇଥିବା ବ୍ୟକ୍ତିଙ୍କ ନାମ ସମ୍ପୂର୍ଣ୍ଣ ଗୋପନ ରଖାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏଥିରେ ହଦଗଡ଼ ସେକ୍ସନ ବନପାଳ କେଦାର ପାତ୍ର, କାଠକଟା ସେକ୍ସନ ବନପାଳ ଡମ୍ବରୁଧର ମହାନ୍ତ, ବନରକ୍ଷୀ ମନ୍ମଥ ସାହୁ, ଅମରେନ୍ଦ୍ର ନାଥ, ରଶ୍ମୀରଞ୍ଜନ ରାଉତ, କମଳିନୀ ଜେନା ଓ ଦିନେଶ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଓଏମ୍‌ବିଏଡିସି (ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମ) ଦଳର ନେତା ବିଜୟ କୁମାର ସା, ଡିଓ ସନ୍ତୋଷ ସା, ବିବେକାନନ୍ଦ ପଣ୍ଡାଙ୍କ ସହ ୧୫ ବନ ସୁରକ୍ଷା ସମିତିର ସଭ୍ୟସଭ୍ୟା ସାମିଲ ହୋଇ ନିଆଁ ଦାଉରୁ ଜଙ୍ଗଲକୁ ରକ୍ଷା କରିବାକୁ ଶପଥ ନେଇଥିଲେ।

**ବିଦ୍ୟାଳୟରେ ପଶି ରୂପାନ୍ତରଣ କାମକୁ ଭାଙ୍ଗିଲେ ଦୁର୍ବୃତ୍ତ**

ସୋର,(ଜନ୍ମେଜୟ ମିଶ୍ର)-ଗୁରୁବାର ରାତିରେ ସୋର ବ୍ଲକ ମଙ୍ଗଳପୁର ଶ୍ରୀନିବାସ ଉଚ୍ଚ ବିଦ୍ୟାଳୟ ପରିସରରେ କେତେକ ଦୁର୍ବୃତ୍ତ ପଶି ଭଙ୍ଗାରୁଜା କରିବା ସହିତ ଚୋରି ଉଦ୍ୟମ କରିଥିବା ଏହାର ଅଧକ୍ଷ ଥାନାରେ ଅଭିଯୋଗ କରିଛନ୍ତି। କଲେଜ ଜଗୁଆଳ ପୂର୍ଣ୍ଣଚନ୍ଦ୍ର ରାଉତ ଥିବା ବେଳେ କେତେକ ଦୁର୍ବୃତ୍ତ ଅସ୍ତ୍ରଶସ୍ତ୍ର ଧରି ନବନିର୍ମିତ ୫-ଟି କାମକୁ ଭାଙ୍ଗିବା ସହିତ ଚୋରି ଉଦ୍ୟମ କରୁଥିବା ଜଣିପାରି ଭୟଭୀତ ହୋଇପଡିଥିଲେ। ଶୁକ୍ରବାର କଲେଜ ଅଧକ୍ଷ ଜଗଦୀଶ ବିଶ୍ୱାଳ ଥାନାରେ ଅଭିଯୋଗ କରିଛନ୍ତି।



# 'ଖବରରେ ବ୍ୟବହୃତ ଶବ୍ଦ, ଭାଷା ଉପରେ ସଚେତନ ରୁହ'

## ଆନ୍ତର୍ଜାତିକ ମିଡିଆ କନକ୍ଳେଭ

**ବାଲେଶ୍ୱର, ୧୫।୩(ମାନସ ବିଶ୍ୱାଳ)**

ବାଲେଶ୍ୱର ଜିଲା ରେମୁଣା ବ୍ଲକ ନୂଆପାଢ଼ୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟରେ 'ଗଣମାଧ୍ୟମ, ରାଜନୀତି ଏବଂ ଗଣତନ୍ତ୍ର'କୁ ମୁଖ୍ୟ ପ୍ରସଙ୍ଗ ନେଇ ଏକ ଦୁଇଦିନିଆ ଆନ୍ତର୍ଜାତିକ କନକ୍ଳେଭ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ପ୍ରକୃତ ଖବରର ଆତ୍ମା ହଜିବାକୁ ଯାଉଛି। ଖବରରେ ପ୍ରକାଶିତ ଭାଷା, ବ୍ୟବହୃତ ଶବ୍ଦକୁ ନେଇ ସଚେତନଶୀଳ ରହିବାକୁ ହେବ। ଗଣମାଧ୍ୟମ ଏକ ନିର୍ଦ୍ଦିଷ୍ଟ ଶକ୍ତିର ଏଜେଣ୍ଟ ନ ହୋଇ ଜନସାଧାରଣ ନିକଟବର୍ତ୍ତୀ ହୋଇ କାର୍ଯ୍ୟ କରିବାର ଆବଶ୍ୟକତା ଅଛି ବୋଲି ଆନ୍ତର୍ଜାତିକ ମିଡ଼ିଆ କନକ୍ଳେଭରେ ଉପସ୍ଥିତ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ।

ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ମୁଖ୍ୟ ଡ. ଭାରତୀବାଳା ପଟ୍ଟନାୟକ ପ୍ରାରମ୍ଭିକ ଉଦ୍‌ବୋଧନ ଦେବା ସହ ସମ୍ମିଳନୀର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରି ସାଂପ୍ରତିକ ସମୟରେ ଗଣମାଧ୍ୟମର ଭୂମିକା ତଥା କାର୍ଯ୍ୟକଳାପକୁ ବାଖ୍ୟା କରିବା ସହ ଆଗାମୀ ଦିନରେ ଏହାକୁ ନିଜ ବୃତ୍ତିଗତ ଜୀବନରେ ଆପଣେଇବାରେ ଇଚ୍ଛୁକ ଛାତ୍ରୀଛାତ୍ରଙ୍କୁ ନୈତିକତା ସହ ସଂଲଗ୍ନ ରହିବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ଭାବେ ବଙ୍ଗଳାଦେଶର ପୂର୍ବତନ ମୁଖ୍ୟ ସୂଚନା କମିଶନର ପ୍ରଫେସର ମହମ୍ମଦ ଗୁଲାମ ରେହମାନ ଉଦ୍‌ଘାଟନୀ ବେଳେ ଉଦ୍‌ବୋଧନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଆସାମ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ଗଣଯୋଗାଯୋଗ ବିଭାଗର ବରିଷ୍ଠ ପ୍ରଧାପକ ପ୍ରଫେସର କେଭି ନାଗରାଜ ଓ ୟୁଏସ୍‌ସ୍ଥିତ ବୋଲିଙ୍ଗ ଗ୍ରୀନଷ୍ଟେଟ ବିଶ୍ୱବିଦ୍ୟାଳୟର ତତ୍ତ୍ୱବାଦୀ ପ୍ରଫେସର ଶ୍ରୀନିବାସ ମେଲକୋଟ ଯୋଗଦେଇ ବର୍ତ୍ତମାନର ରାଜନୀତିରେ କର୍ପୋରେଟ ହାଉସର ଓ ଅପରାଧିକ କାର୍ଯ୍ୟକଳାପରେ ଗଣମାଧ୍ୟମର ଅଧିକ ହସ୍ତକ୍ଷେପ ଅନୁଭୂତ ହେଉଥିବା ସମ୍ପର୍କରେ ଚିନ୍ତାପ୍ରକଟ କରିଥିଲେ। ସମ୍ମାନିତ ଅତିଥି ଭାବେ ପିଜି କାଉନସିଲର ଅଧକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକ, ୟୁନିଭରସିଟି ଅଫ ରାଜସ୍ଥାନର ଗଣଯୋଗାଯୋଗ କେନ୍ଦ୍ରର ପୂର୍ବତନ ମୁଖ୍ୟ ପ୍ରଫେସର ସଂଜୀବ ଭନୱାଲ, ପିଟିଆଇର ସମ୍ପାଦକ ତଥା ବିଜନେସ ଷ୍ଟାଣ୍ଡାର୍ଡ଼ ଖବରକାଗଜର ଡେପୁଟି ନ୍ୟୁଜ ଏଡିଟର ଥିରୁମୟ ବାନାର୍ଜୀ, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ଗଣଯୋଗାଯୋଗ ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ଶିଶିର ବାସୁ, ଓଡ଼ିଶାର ପୂର୍ବତନ ମୁଖ୍ୟ ସୂଚନା କମିଶନର ଦିଲୀପ କୁମାର ବିଷୋଇ, ନୂଆଦିଲ୍ଲୀସ୍ଥିତ ଜାମିଆ ମିଲିଆ ଇସ୍ଲାମିଆ ଅନୁଷ୍ଠାନର ସେଣ୍ଟର ଫର କଲଚର ମିଡ଼ିଆ ଆଣ୍ଡ ଗଭର୍ଣ୍ଣାସ୍‌ର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ପ୍ରଫେସର ବିଶ୍ୱଜିତ ଦାସ (ଆଭାସୀ) ପ୍ରମୁଖ ଯୋଗଦେଇ 'ଗଣମାଧ୍ୟମ, ରାଜନୀତି ଏବଂ ଗଣତନ୍ତ୍ର' ପ୍ରସଙ୍ଗକୁ ନେଇ ବିଭିନ୍ନ ମତ ରଖିଥିଲେ। ଦେଶର ପ୍ରମୁଖ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟର ଗବେଷଣାରତ ଛାତ୍ରୀଛାତ୍ରମାନେ ନିଜର ଗବେଷଣାର ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଶେଷରେ ବିଭାଗର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଶ୍ୱବିଦ୍ୟାଳୟ ଅନ୍ୟାନ୍ୟ ବିଭାଗର ମୁଖ୍ୟ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଆସିଷ୍ଟାଣ୍ଟ ପ୍ରଫେସର ସ୍ମିତି ପାଢ଼ୀ ସଞ୍ଚାଳନ କରିଥିଲେ। ଆସିଷ୍ଟାଣ୍ଟ ପ୍ରଫେସର ଡ. ଅଶେଷ କୁମାର ନାୟକ ଧନ୍ୟବାଦ ଦେଇଥିଲେ।



ମିଡିଆ କନକ୍ଳେଭ କାର୍ଯ୍ୟକ୍ରମରେ ଅତିଥିଗଣ।

# ଗାଁରେ ପଶିଲା ଦନ୍ତା ହାତୀ

## କଦଳୀ ଗଛ ଭାଙ୍ଗିଲା, ଧାନ ଖାଇଗଲା

**ରୂପସା, ୧୫।୩(ବାଞ୍ଛାନିଧି ଦେ)**

ବାଲେଶ୍ୱର ଜିଲା ବସ୍ତା ବ୍ଲକ ନଟାକଟା ପଞ୍ଚାୟତ ଅଧୀନ ଭାନ୍ଦିପୁର, ହଦମୌଦ ଓ ଚାଷୀପଡ଼ା ଗ୍ରାମ ମଧ୍ୟକୁ ଗୁରୁବାର ବିଳମ୍ବିତ ରାତିରେ ଏକ ଦନ୍ତା ହାତୀ ପଶି ଗ୍ରାମବାସୀଙ୍କର ଧାନବସ୍ତାକୁ ନଷ୍ଟ କରିବା ସହ ବାଡ଼ିରେ ପଶି ବ୍ୟାପକ କ୍ଷୟକ୍ଷତି ଘଟାଇଛି। ରାତି ପ୍ରାୟ ୧ଟା ୩୦ରେ ପଡ଼ୋଶୀ ମୟୂରଭଞ୍ଜ ଜିଲା ନାକିଚୁଆଁ ଫରେଷ୍ଟ ରେଞ୍ଜ ଅଧୀନ କାନପୁର ଜଙ୍ଗଲ ମଧ୍ୟରୁ ଗୋଟିଏ ଦନ୍ତା ହାତୀ ପ୍ରଥମେ ଭାନ୍ଦିପୁର ଗ୍ରାମ ମଧ୍ୟକୁ ପ୍ରବେଶ କରି ଗ୍ରାମର କୃତିବାସ ପାତ୍ରଙ୍କ ବାଡ଼ିରେ ପଶି କଦଳୀ ଗଛକୁ ଭାଙ୍ଗିଥିଲା। ଏହାପରେ ରାସ୍ତାରେ କମଳା ପାତ୍ରଙ୍କ ଘରେ ପଶି ୨ ବସ୍ତା ଧାନକୁ ଟାଣି ଖାଇଥିଲା। ପରେ ହାତୀଟି ହଦମୌଦ ଗ୍ରାମ ପାର ହୋଇଯିବା ସମୟରେ ଚାଷୀପଡ଼ା ଗ୍ରାମର ଅକ୍ଷୟ ମଣ୍ଡଳଙ୍କ ବାଡ଼ିରେ ପଶି କ୍ଷୟକ୍ଷତି ଘଟାଇଥିଲା। ବନବିଭାଗର କର୍ମଚାରୀଙ୍କ ସମେତ ଗ୍ରାମର ପ୍ରିୟରଞ୍ଜନ ଗିରି, ଜଗଦୀଶ ସେନାପତି, ବାଲା ସାହୁ ପ୍ରମୁଖ ହାତୀକୁ ଘଉଡ଼ାଇ କାନପୁର ଜଙ୍ଗଲରେ ନେଇ ଛାଡ଼ିବା ସମୟରେ ବାଟରେ ସଞ୍ଜୟ ଆଚାର୍ଯ୍ୟଙ୍କ ବାଡ଼ିରେ ପଶି କ୍ଷୟକ୍ଷତି ଘଟାଇ କାନପୁର ଜଙ୍ଗଲକୁ ପଳାଇଥିଲା। ତେବେ କ୍ଷତିଗ୍ରସ୍ତ ପରିବାରଙ୍କୁ ବନବିଭାଗ ଓ ତହସିଲ ପ୍ରଶାସନ ତରଫରୁ ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



## ସଂକ୍ଷେପରେ

### ବିଦ୍ୟୁତ୍ କର୍ମଚାରୀଙ୍କୁ ଆକ୍ରମଣ, ବାପ-ପୁଅ ଗିରଫ

ବାରିପଦା,୧୫।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)-ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଝାରପଖୋରିଆସ୍ଥିତ ଟାଟାପାୱାର ବିଦ୍ୟୁତ୍ କର୍ମଚାରୀଙ୍କୁ ଆକ୍ରମଣ ଅଭିଯୋଗରେ ପୋଲିସ ବାପ ପୁଅଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଖଡ଼ିଆଷୋଳ ଗ୍ରାମର ହରିହର ନାଏକ ଓ ତାଙ୍କ ପୁଅ ନିର୍ମଳ ନାଏକ। ପୋଲିସ ଏକ ମାମଲା (ନଂ.୫୨/୨୪) ରୁଜୁ କରି ତଦନ୍ତ ଜାରି ରଖିଛି। ବିଦ୍ୟୁତ୍ ବିଭାଗର କନିଷ୍ଠଯନ୍ତ୍ରୀ ଏସ୍. କେ. ହାଫିଜୁର ରେହେମାନଙ୍କ ଅଭିଯୋଗ ଅନୁଯାୟୀ, ହରିହରଙ୍କ ପରିବାର ବିଦ୍ୟୁତ୍ ଚୋରି କରି ବ୍ୟବହାର କରୁଥିଲେ। ୬ମାସ ତଳେ ବିଭାଗର ଭିଜିଲାନ୍ସ ଟିମ୍ ଆସି ଜରିମାନା କରିଥିଲା। ଜରିମାନା ବାବଦରେ ଦେୟ ସେମାନେ ପୈଠ କରି ନ ଥିଲେ। ବିଭାଗ କର୍ମଚାରୀ ଜରିମାନା ଆଦାୟ କରିବା ପାଇଁ ଯାଇଥିବା ବେଳେ ଯୁକ୍ତି ତର୍କ ହୋଇଥିଲା। ହରିହର ଓ ତାଙ୍କ ପୁଅ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ।

### ପୋଖରୀରୁ ଯୁବକଙ୍କ ମୃତଦେହ ଜବତ

ସୋରୋ, ୧୫।୩(ଜନ୍ମେଜୟ ମିଶ୍ର)-ସୋର ବ୍ଲକ ଅନନ୍ତପୁର ପଞ୍ଚାୟତ ପୁରୁଷୋତ୍ତମପୁର ଗ୍ରାମର ଭୀମଚରଣ ମଲିକ (୪୨) ନାମକ ଯୁବକ ଗୁରୁବାରଠାରୁ ନିଖୋଜ ଥିବା ବେଳେ ଶୁକ୍ରବାର ତାଙ୍କର ମୃତଦେହ ନିକଟସ୍ଥ ପୋଖରୀରୁ ଅଗ୍ନିଶମ ବିଭାଗ ଉଦ୍ଧାର କରିଛି। ସେ ସନ୍ଧ୍ୟାରେ ଘରୁ ବାହାରକୁ ଯାଇଥିବା ବେଳେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରି ନ ପାଇ ନିରାଶ ହୋଇଥିଲେ। ଶୁକ୍ରବାର ସକାଳେ ଗ୍ରାମବାସୀ ତାଙ୍କ ମୃତଦେହ ନିକଟସ୍ଥ ପୋଖରୀରେ ଭାସୁଥିବା ଦେଖି ଅଗ୍ନିଶମ ବିଭଗକୁ ଖବର ଦେଇଥିଲେ। ସୋର ପୋଲିସ ଡାକ୍ତରଖାନାରେ ପହଞ୍ଚି ମାମଲା(ନଂ. ୧୫/୨୪) ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# କୁପାରୀ ଶୂନ୍ୟମଣ୍ଡପରେ ବିଶୁଦ୍ଧ ପାନୀୟଜଳ ବ୍ୟବସ୍ଥା


ଅତିଥିମାନେ ଥଣ୍ଡା ବିଶୁଦ୍ଧ ପାନୀୟଜଳ ବ୍ୟବସ୍ଥାକୁ ଭକ୍ତଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରୁଛନ୍ତି।

**ଖଇରା, ୧୫।୩(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକ କୁପାରୀର ଐତିହାସିକ ଶୂନ୍ୟମଣ୍ଡପକୁ ବର୍ଷସାରା ଭକ୍ତଙ୍କ ଆଗମନ ହୋଇଥାଏ। ବିଶେଷ କରି କାର୍ତ୍ତିକ ପୂର୍ଣ୍ଣମୀ ତଥା ପ୍ରତିଷ୍ଠାତା ପ୍ରଭାକର ବାବାଙ୍କ ମହାପୂର୍ଣ୍ଣ୍ୟ ତିଥିରେ ହଜାର ହଜାର ସଂଖ୍ୟାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ମଣ୍ଡପ ପରିସରରେ ପାନୀୟ ଜଳ ଅଭାବ ସମ୍ପର୍କରେ ଖଇରା ମାଟିର ଲଢୁଆ ଯୁବନେତା ତଥା ବାଲେଶ୍ୱର ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ଗଣେଶ ପ୍ରସାଦ ମହାପାତ୍ର ଜାଣିବା ପରେ ଏଠାରେ ବ୍ୟାଙ୍କ ସୌଜନ୍ୟରେ ଏକ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ମେଶିନ ବସାଇବାକୁ ନିଷ୍ପତ୍ତି ନେଇଥିଲେ। ଶୁକ୍ରବାର ଭକ୍ତ ପାଇଁ ଏହି ଜଳ ବିଶୋଧକ ମେଶିନ ଲୋକାର୍ପିତ ହୋଇଯାଇଛି। ସଭାପତି ମହାପାତ୍ରଙ୍କ ସମେତ ସମବାୟ ବ୍ୟାଙ୍କର ଜିଲା ସମ୍ପାଦକ ଅଶୋକ କୁମାର ଦାସ, ଶୂନ୍ୟମଣ୍ଡପର ସଞ୍ଚାଳକ ରାଜୁ ବାବା ଏହି ବ୍ୟବସ୍ଥାର ଲୋକାର୍ପଣ କରିଥିଲେ। ଖଇରା ଶାଖାର ପରିଚାଳକ ଯଦୁନାଥ ସ, କୁପାରୀ ଶାଖାର ପରିଚାଳକ ପ୍ରଦୀପ କୁମାର ଜେନା, ସୁପରଭାଇଜର ପ୍ରଦୀପ କୁମାର ମହାପାତ୍ର, ଗଡପୋଖରୀ ସେବା ସମବାୟ ସମିତି ସମ୍ପାଦିକା ଶ୍ରଦ୍ଧାଞ୍ଜଳି ବିଶ୍ୱାଳ, କର୍ମଚାରୀ ପ୍ରଦୀପ କୁମାର ଆଇଚ, କାର୍ତ୍ତିକ କୁମାର ବେହେରା ଓ ରାକେଶ ଗଦାଧର ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଉଠା ଜଳସେଚନ ଡିଭିଜନ ସମ୍ମୁଖରେ ଚାଷୀଙ୍କ ଅନଶନ

**ଜଳେଶ୍ୱର, ୧୫।୩(ରବିନାରାୟଣ ପାତ୍ର)**

ଜଳେଶ୍ୱର ବ୍ଲକର ଖାଲିନା ପଞ୍ଚାୟତର ୩ବର୍ଷ ପୂର୍ବେ ୨ଟି ଉଠା ଜଳସେଚନ ପ୍ରକଳ୍ପ ଖନନ ୪୬ଲକ୍ଷ ଟଙ୍କାର ୨ଟି ଟେଣ୍ଡର କାର୍ଯ୍ୟ ଶେଷ ହୋଇଥିଲେ ହେଁ ତାହା ଖନନ ହୋଇ ନ ଥିବାରୁ ପୂର୍ବ ସୂଚନା ଅନୁଯାୟୀ ଚାଷୀମାନେ ଆମରଣ ଅନଶନରେ ବସିଥିଲେ। ଖାଲିନା ଗାଁରେ ଚାଷୀଙ୍କ ସୁବିଧା ପାଇଁ ୨୦୨୦ରେ ୨ଟି ଉଠା ଜଳସେଚନ ପ୍ରକଳ୍ପ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୧୮।୧୨।୨୧ରେ ଟେଣ୍ଡର ସରିଯାଇଥିଲେ ମଧ୍ୟ ଅଦ୍ୟାବଧି କାର୍ଯ୍ୟ ଶେଷ ହୋଇନାହିଁ। ଏଥିଲାଗି ଚାଷୀଙ୍କ ପକ୍ଷରୁ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷ, ଜିଲା ପ୍ରଶାସନ ଓ ରାଜ୍ୟ ପ୍ରଶାସନକୁ ଜଣାଇ ଦିଆଯାଇଥିଲେ ହେଁ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା। ଗତ ୮।୧୦।୨୩ରେ ଜଳେଶ୍ୱର ବ୍ଲକ ପରିସରରେ ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣିରେ ଚାଷୀମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ତାହା ଖନନ ଲାଗି ସେ ନିର୍ଦ୍ଦେଶ ଦେଇଥିଲେ। ତାହା କାର୍ଯ୍ୟକାରୀ ନ ହେବାରୁ ପୂର୍ବ ସୂଚନା ଅନୁଯାୟୀ ଶୁକ୍ରବାର ଗ୍ରାମବାସୀଙ୍କ ପକ୍ଷରୁ ବିଜୟ କୁମାର ପାତ୍ର, ଘନଶ୍ୟାମ ରଣା, ଅଜୟ କୁମାର ପାତ୍ର, ଜୟନ୍ତ ରଣା, ସଞ୍ଜୟ କୁମାର ପାତ୍ର ଆମରଣ ଅନଶନରେ ବସିଥିଲେ। ସେମାନଙ୍କୁ ସହଯୋଗ କରି ଦନାର୍ଦ୍ଦନ ବାରିକ, ପଦ୍ମଲୋଚନ ଜେନା, ଗୋପବନ୍ଧୁ ସିଟ, ସୁନୀତା ପ୍ରଧାନ, ଗୋବିନ୍ଦ ପରିଡା, ରାଜୁ ବେସ୍ରାଙ୍କ ନେତୃତ୍ୱରେ ଅନ୍ୟ ୧୦ଜଣ ଆନ୍ଦୋଳନରେ ସାମିଲ ହୋଇଥିଲେ। ଏପରି ଏକ ସମ୍ବେଦନଶୀଳ ଘଟଣାରେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଗିରିଶ ଚନ୍ଦ୍ର ବେହେରା, ସହକାରୀ ଯନ୍ତ୍ରୀ ଲକ୍ଷ୍ମୀକାନ୍ତ ପାହାଡି, ସନ୍ତୋଷ ଦାସ ପ୍ରମୁଖ ଆନ୍ଦୋଳନକାରୀଙ୍କ ସହ ଆଲୋଚନା ଜାରି ରଖିଥିଲେ। ଜଗଦୀଶ ପ୍ରଧାନଙ୍କ ନେତୃତ୍ୱରେ ଆପାତତଃ ସମସ୍ୟାର ସମାଧାନ ହୋଇଛି। ଶନିବାର ବିଦ୍ୟୁତ୍ ସଂଯୋଗ ପ୍ରକ୍ରିୟା ଆରମ୍ଭ ହେବା ଓ ପ୍ରକଳ୍ପ ଗୃହ ନିର୍ମାଣର କାର୍ଯ୍ୟ ଆରମ୍ଭ ହେବା ନେଇ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକାରୀମାନେ ଓହରିଥିଲେ।

## ଦୁର୍ଘଟଣା

### ବାଇକ ଧକ୍କାରେ ସାଇକେଲ ଆରୋହୀ ମୃତ

**ନୀଳଗିରି, ୧୫।୩(ପ୍ରଶାନ୍ତ ବିଶ୍ୱାଳ)**

ନୀଳଗିରି ଥାନା ଅଧୀନ ଜଡ଼ିଦା ପଞ୍ଚାୟତ ପୋଡ଼ାଶୂଳ ରାସ୍ତାରେ ଏକ ବାଇକ୍ ଧକ୍କାରେ ଜଣେ ସାଇକେଲ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜୋକନଣ୍ଡା ଗ୍ରାମର ପରେଶ ପ୍ରଧାନ। ପରେଶ ତାଙ୍କ ପୁଅକୁ ଚତର ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଆଣିବାକୁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରେ ପରେଶ ଚେତାଶୂନ୍ୟ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଭାରସାମ୍ୟ ହରାଇ ଓଲଟିଲା ଟ୍ରାକ୍ଟର, ଶ୍ରମିକ ମୃତ

**ନୀଳଗିରି, ୧୫।୩(ପ୍ରଶାନ୍ତ କୁମାର ବିଶ୍ୱାଳ)**

ନୀଳଗିରି ବ୍ଲକ ବରହମପୁର ଥାନା ଅଧୀନ ଛତ୍ରପୁର ପଞ୍ଚାୟତ ତଳଭଗାବନ୍ଧ ଗ୍ରାମର ଜାମନାଳ ପୋଲ ପାଖରେ ଶୁକ୍ରବାର ଏକ ନମ୍ବର ବୀହିନ ଟ୍ରାକ୍ଟର ଇଟା ଅନଲୋଡ କରିବା ଫେରୁଥିବା ବେଳେ ଭାରସାମ୍ୟ ହରାଇ ଓଲଟିପଡିବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଶ୍ରମିକ ଗୁରୁତର ହୋଇଛନ୍ତି। ବରହମପୁର ପୋଲିସ ଖବରପାଇ ଟାକ୍ଟର, ଡାଲା ଜବତ କରିବା ସହ ଗୁରୁତର କେଶିପୁର ପଞ୍ଚାୟତ ଉପର ରାଉଦିଆ ଗ୍ରାମର ସାଲକାନ ଖେରୱାଙ୍କୁ ବରହମପୁର ପ୍ରାଥମିକ ଚିକିତ୍ସାଳୟରେ ଭର୍ତ୍ତି କରିଛି। ମୃତକ ହେଲେ ଉକ୍ତ ଗ୍ରାମର ନାରଣ ସୋରେନ। ଏନେଇ ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା (ନଂ.୪୯/୨୪) ରୁଜୁ କରାଯାଇଛି।

### ରାସ୍ତା ପାର୍ ବେଳେ ମହିଳାଙ୍କ ଉପରେ ମାଡ଼ିଗଲା ଟ୍ରକ୍



ଅବରୋଧକାରୀଙ୍କ ସହ ପୋଲିସ ଆଲୋଚନା କରୁଛି।

**ବାଲେଶ୍ୱର, ୧୫।୩(ମାନସ ବିଶ୍ୱାଳ)**

ବାଲେଶ୍ୱର ଜିଲା ଶିଳ୍ପାଞ୍ଚଳ ଥାନା ଅଧୀନ ଜାତୀୟ ରାଜପଥର ବାମପଦା ଛକରେ ଶୁକ୍ରବାର ସନ୍ଧ୍ୟାରେ ଏକ ଟ୍ରକ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ହେଲେ ସ୍ଥାନୀୟ ଅଞ୍ଚଳର ଗୁରୁବାରୀ ସିଂହ।

ଉକ୍ତ ଛକରେ ନୂତନ ରେଳ ଓଭରବ୍ରିଜ୍ ତିଆରି ହେଉଥିବା ବେଳେ ଅଣଓସାରିଆ ରାସ୍ତା ପାଇଁ ଜାତୀୟ ରାଜପଥରେ ଯାଉଥିବା ହଜାର ହଜାର ଯାନବାହନ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ ବହୁ ବାର ଏହି ସ୍ଥାନରେ ଦୁର୍ଘଟଣା ଘଟିବା ପରେ ସରକାରଙ୍କ ପକ୍ଷରୁ ଏକ ଓଭରବ୍ରିଜ୍ ନିର୍ମାଣ ହେଉଛି। ଉକ୍ତ ଛକରେ ଆଲୋକ ବ୍ୟବସ୍ଥା ନ ଥିବା ଦୁର୍ଘଟଣାର ଅନ୍ୟ ଏକ କାରଣ ବୋଲି ଆଲୋଚନା ହେଉଛି। ସନ୍ଧ୍ୟାରେ ମହିଳା ଜଣକ ରାସ୍ତା ପାରି ହେଉଥିବା ବେଳେ ଟ୍ରକ୍ ଡ୍ରାଇଭରଙ୍କୁ ଜଣା ନ ପଡ଼ିବାରୁ ତାଙ୍କୁ ଧକ୍କା ଦେଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପରେ ସ୍ଥାନୀୟ ଲୋକମାନେ କିଛି ସମୟ ଧରି ରାସ୍ତା ଅବରୋଧ କରିଥିଲେ। ଶିଳ୍ପାଞ୍ଚଳ ଥାନା ପୋଲିସ ପହଞ୍ଚି ଅବରୋଧକାରୀଙ୍କ ସହ ଆଲୋଚନା କରିଥିଲେ। ମୃତକଙ୍କ ପରିବାରକୁ ରେଡ଼କ୍ରସ ପକ୍ଷରୁ ୨୦ହଜାର ଟଙ୍କାର ସହାୟତା ସହ ଟ୍ରକ୍‌କୁ ଥାନାରେ ଅଟକ ରଖାଯାଇଛି। ପରେ ଅବରୋଧକାରୀମାନେ ରାସ୍ତାରୋକୋରୁ ଓହରିଥିଲେ।

# ଖବରଦାତାମାନଙ୍କୁ ଭତ୍ତା, ସୁରକ୍ଷା ଦାବିରେ କଳାବ୍ୟାଜ ପିନ୍ଧି ଆନ୍ଦୋଳନ

**ଜଳେଶ୍ୱର, ୧୫।୩(ନବୀନ ସାହୁ)**

ଖବରଦାତାମାନଙ୍କୁ ଭତ୍ତା ଓ ସୁରକ୍ଷା ତଥା ଅନ୍ୟାନ୍ୟ ଦାବି ନେଇ ରାଜ୍ୟବ୍ୟାପୀ ଖବରଦାତାମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଶୁକ୍ରବାର ଜଳେଶ୍ୱର ବ୍ଲକ ପରିସରରେ ଥିବା ମାହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଜଳେଶ୍ୱରର ଖବରଦାତାମାନେ ଏକତ୍ରିତ ହୋଇ କଳା ବ୍ୟାଜ୍ ପରିଧାନ ପୂର୍ବକ ସେମାନଙ୍କ ନ୍ୟାର୍ଯ୍ୟ ଦାବି ଯଥା ଭତ୍ତା, ସୁରକ୍ଷା ଓ ଅନ୍ୟାନ୍ୟ ଦାବିକୁ ସରକାର ଅବିଳମ୍ବେ ମାନି ନିଅନ୍ତୁ ବୋଲି ଦାବି କରିଥିଲେ।

ଉତ୍କଳ ସାମ୍ବାଦିକ ସଂଘର ଜଳେଶ୍ୱର ବ୍ଲକ ଶାଖାର ସଂଯୋଜକ ମନୋଜ କୁମାର ଭୂୟାଁଙ୍କ ନେତୃତ୍ୱରେ ସଙ୍ଗଠିତ ଏହି ଆନ୍ଦୋଳନରେ ବରିଷ୍ଠ ଖବରଦାତା ଅମର ଆଚାର୍ଯ୍ୟ, ସତ୍ୟବ୍ରତ ପ୍ରଧାନ, ରବି ନାରାୟଣ ପାତ୍ର, ଅର୍ଜୁନ ସିଂହ, ଗୋପବନ୍ଧୁ ସାହୁ, ଦୀନବନ୍ଧୁ ପ୍ରଧାନ, ରାଜେଶ ପ୍ରଧାନ, ବିନୟ ପ୍ରଧାନ, ଗୌର ଗୋପାଳ ସେଣ, ବିଶ୍ୱଜିତ ଧଳ, ସୁବ୍ରତ ଘୋଷ, ଆଲୋକ ଘଡ଼େଇ, ଆଶିଷ ଗିରି, ଭୂପତି ପରିଡ଼ା, ଅଶ୍ୱିନୀ ନାଥ, ଭୋଳାନାଥ ସିଂହ, ସତ୍ୟବ୍ରତ ସୋମ, ଦୁର୍ଗାଶଙ୍କର ଗିରି, ଅଶ୍ରୁମୋଚନ ଘୋଷ ଓ ନବୀନ କୁମାର ସାହୁ ପ୍ରମୁଖ ସାମିଲ ହୋଇଥିଲେ। ଖୁବ୍‌ଶୀଘ୍ର ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ସେମାନେ ଚେତାବନୀ ଦେଇଥିଲେ।


କଳାବ୍ୟାଜ୍ ପିନ୍ଧି ଗାନ୍ଧୀ ପ୍ରତିମୂର୍ତ୍ତି ଆଗରେ ଆନ୍ଦୋଳନ।

# ସିଆର୍‌ପି ନିଯୁକ୍ତି ଦାବିରେ ଆମରଣ ଅନଶନ

**ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/କାଳିପଦା(ରାଜଶ୍ରୀ ପାଣିଗ୍ରାହୀ), ୧୫।୩**

ବାଲିଆପାଳ ବ୍ଲକ ମଧୁପୁରା ପଞ୍ଚାୟତ ଖଗଡ଼ାପାଳ ଗ୍ରାମର ଖଗଡ଼ାପାଳ ଆଞ୍ଚଳିକ ମଞ୍ଚ-୧ ସିଆର୍‌ପି ନିଯୁକ୍ତି ଦାବିରେ ଗୁରୁବାର ବ୍ଲକରେ ସୁନୀତା ସାହୁ ଆମରଣ ଅନଶନରେ ବସିଛନ୍ତି।

ସିଆର୍‌ପି ଗାଇଡଲାଇନ୍ ଅନୁଯାୟୀ ତାଙ୍କୁ ନିଯୁକ୍ତି ମିଳିବାକୁ ଥିଲା। କିନ୍ତୁ ପ୍ରଶାସନ ଗାଇଡଲାଇନ୍‌କୁ ନ ଦେଖି ଅନ୍ୟ ଗ୍ରାମର ଅନ୍ୟ ଜଣେ ମହିଳା ଗୌରୀମଣି ଦାସଙ୍କୁ ନିଯୁକ୍ତି ଦେଇଛନ୍ତି। ଏନେଇ ସୁନୀତା ପୂର୍ବରୁ ବାଲିଆପାଳ ବିଡିଓ ଓ ଅନ୍ୟ ଉଚ୍ଚ ପଦାଧିକାରୀମାନଙ୍କୁ ଜଣାଇଥିଲେ। ମାତ୍ର କୌଣସି ସୁଫଳ ନ ମିଳିବାରୁ ସେ ଏପରି ପନ୍ଥା ଅବଲମ୍ବନ କରିଥିବା କହିଛନ୍ତି। ତାଙ୍କୁ ଯେ ପର୍ଯ୍ୟନ୍ତ ନିଯୁକ୍ତି ନ ମିଳିଛି ସେ ପର୍ଯ୍ୟନ୍ତ ସେ ଅନଶନ ଜାରି ରଖିବେ ବୋଲି ସୁନୀତା କହିଥିଲେ। ଅନ୍ୟପକ୍ଷରେ ସନ୍ଧ୍ୟା ସମୟରେ ବାଲିଆପାଳ ବିଡ଼ିଓ ବିନୋଦ ଚନ୍ଦ୍ର ପଣ୍ଡା, ସ୍ୱୟଂ ସହାୟକ ଗୋଷ୍ଠୀର ବ୍ଲକ ପ୍ରୋଜେକ୍ଟ କୋର୍ଡ଼ିନେଟର ରାଜକିଶୋର ପ୍ରଧାନ, ବିପିଏମ୍ ପ୍ରଭାକର ଦାସ, ଜିଏଲ୍‌ଏଫ୍‌ର ସମ୍ପାଦିକା ସୁଷମା ଦତ୍ତ ଘଟଣାସ୍ଥଳରେ ପହଞ୍ଚି ସୁନୀତାଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ତାଙ୍କ ସମସ୍ୟାର ସମାଧାନ କରିବା ନେଇ ପ୍ରତିଶ୍ରୁତି ଦେବା ପରେ ସୁନୀତା ଅନଶନରୁ ଓହରିଥିଲେ।


ଆମରଣ ଅନଶନରେ ସୁନୀତା ସାହୁ।

# ୧୧୧ ରାଶନକାର୍ଡଧାରୀଙ୍କୁ ମିଳୁନି ଟଙ୍କା

- ନୋଡାଲ ଅଫିସରଙ୍କ ଖାମଖିଆଲି ନୀତି
- ୧ଲକ୍ଷ ୧୧ହଜାର ହଡ଼ପ ଅଭିଯୋଗ

**ରୂପ୍‌ସା, ୧୫।୩(ବାଞ୍ଛାନିଧି ଦେ)**

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ବାଖରବାଦ କଣ୍ଟ୍ରୋଲ ଡିଲରଙ୍କଠାରୁ ୧୧୧ଜଣ ରାସନକାର୍ଡ ହିତାଧିକାରୀ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଏକ ହଜାର ଲେଖାଏ ଟଙ୍କା ନ ପାଇ ହୀନସ୍ତା ହେଉଛନ୍ତି। ନୋଡାଲ ଅଫିସର ରାଉତପଡ଼ା ୟୁଜିୟୁପି ସ୍କୁଲର ଶିକ୍ଷକ ମନୋଜ କୁମାର ଜେନା ୧୧୧ ହିତାଧିକାରୀଙ୍କ ୧ଲକ୍ଷ ୧୧ହଜାର ଟଙ୍କା ହଡ଼ପ କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ଗୋଷ୍ଠୀ ଶିକ୍ଷାଧିକାରୀ ଏବଂ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ତଦନ୍ତ ଜାରି ରହିଛି।

ଏହି କଣ୍ଟ୍ରୋଲ ଡିଲରଙ୍କ ଅଧୀନରେ ବାଖରବାଦ ଓ ବୁଧଖଣ୍ଡି ଗ୍ରାମର ୪ଟି ୱାର୍ଡର ୩୦୨ଜଣ ରାଶନକାର୍ଡ ହିତାଧିକାରୀ ଅଛନ୍ତି। ନୋଡାଲ ଅଫିସରଙ୍କ ତତ୍ତ୍ୱାବଧାନରେ ଡିଲରଙ୍କ ଜରିଆରେ ସମସ୍ତ ହିତାଧିକାରୀଙ୍କ ଆଖି ସ୍କାନ କରି ୩୦୨ଜଣଙ୍କ ମଧ୍ୟରୁ ୧୯୧ ରାସନକାର୍ଡଧାରୀଙ୍କୁ ୧ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ଅବଶିଷ୍ଟ ୧୧୧ଜଣଙ୍କୁ ଟଙ୍କା ଆସିଲେ ଦିଆଯିବ ବୋଲି ନୋଡାଲ ଅଫିସର ଜେନା କହିଥିଲେ। ୨୦ ଦିନ ଧରି ହେମଲତା ସିଂ, ଉର୍ମିଳା ବେହେରା, ଗୁରୁବାରୀ ବେହେରା, ହୀରା ବେହେରା, ରୀତା ବେହେରା, ସୁମତୀ ସିଂ, ଗୁନି ସିଂ, ଗୁନୁ ସିଂ, ତୁଳସୀ ସିଂଙ୍କ ସମେତ ସମସ୍ତ ରାସନକାର୍ଡଧାରୀ ଟଙ୍କା ଆଣିବା ପାଇଁ ଡିଲରଙ୍କ ଘରକୁ ଯାଉଥିଲେ ହେଁ ନୋଡାଲ ଅଫିସରଙ୍କ ଦେଖା ନ ପାଇ ଫେରୁଛନ୍ତି। ବାଧ ହୋଇ ଡିଲର ଜଣକ ବସ୍ତା ବିଡ଼ିଓ ମୋହିନୀ କୁମାର ନାଏକ ଏବଂ ଏମ୍‌ଆଇ ବୁଦ୍ଧରାୟ ସୋରେନଙ୍କ ନିକଟରେ ନୋଡାଲ ଅଫିସରଙ୍କ ସମ୍ପର୍କରେ ଅଭିଯୋଗ କରିଛନ୍ତି। ନୋଡାଲ ଅଫିସର ଜେନା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଖୁବ୍ ଶୀଘ୍ର ହିତାଧିକାରୀଙ୍କୁ ସମସ୍ତ ଟଙ୍କା ଦେବାର ବ୍ୟବସ୍ଥା କରିବେ ବୋଲି କହିଥିଲେ। ହେଲେ ଅଦ୍ୟାବଧି ହିତାଧିକାରୀ ଟଙ୍କା ପାଇ ନାହାନ୍ତି।

ଏନେଇ ନୋଡ଼ାଲ ଅଫିସର ଜେନାଙ୍କୁ ପଚରାଯିବାରୁ ଅସୁବିଧା କାରଣରୁ ଟଙ୍କା ଦିଆଯାଇପାରି ନାହିଁ। ଖୁବ୍‌ଶୀଘ୍ର ସମସ୍ତ ହିତାଧିକାରୀଙ୍କୁ ଟଙ୍କା ଦିଆଯିବାର ବ୍ୟବସ୍ଥା କରୁଛି ବୋଲି କହିଥିଲେ। ଏମ୍‌ଆଇ ସୋରେନ ହିତାଧିକାରୀଙ୍କୁ ଟଙ୍କା ନ ଦେଲେ ନୋଡାଲ ଅଫିସରଙ୍କ ଧିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ନିର୍ମାଣ ହେବ ଜଳେଶ୍ୱର-ଚନ୍ଦନେଶ୍ୱର ରେଳପଥ

**ବାଲେଶ୍ୱର, ୧୫।୩(ମାନସ ବିଶ୍ୱାଳ)**

ବାଲେଶ୍ୱର ଜିଲା ଜଳେଶ୍ୱରରୁ ଚନ୍ଦନେଶ୍ୱର ରେଳପଥ ନିର୍ମାଣ ପାଇଁ ଦୀର୍ଘଦିନରୁ ହୋଇଆସୁଥିବା ଦାବି ପୂରଣ ହୋଇଛି। ଖଡ଼ଗପୁର ଡିଭିଜନ୍ ଅଧୀନ ଜଳେଶ୍ୱରଠାରେ ହାୱଡ଼ା-ଚେନ୍ନାଇ ରେଳ ଲାଇନ୍ ସହ ସଂଯୋଗ କରାଯାଇ ୪୨ କି.ମି. ରେଳପଥ ନିର୍ମାଣ ହେବାର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶୁକ୍ରବାର ସୂଚନା ଦେଇଛନ୍ତି। ରେଳମନ୍ତ୍ରୀଙ୍କ ସୂଚନା ଅନୁସାରେ, ଓଡ଼ିଶାରେ ଥିବା ଦୁଇଟି ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପ ମଧ୍ୟରୁ ବାଲେଶ୍ୱର ଜିଲା ଜଳେଶ୍ୱରରୁ ଚନ୍ଦନେଶ୍ୱର ରେଳପଥ ପାଇଁ ଲୋକମାନଙ୍କର ଦୀର୍ଘଦିନ ଧରି ଦାବି ଥିଲା। ବାଲେଶ୍ୱର ଜିଲା ଗୋଟିଏ ଶିକ୍ଷିତ ଓ ଅଗ୍ରଣୀ ଜିଲା ଭାବେ ପରିଗଣିତ। ଏଥିରେ ରେଳ ସଂଯୋଗ ପାଇଁ ଯେତେବେଳେ ଚେଷ୍ଟା କରାଯାଇଥିଲା ଜଳେଶ୍ୱରରୁ ଦୀଘା ପର୍ଯ୍ୟନ୍ତ ଏକ ପ୍ରକଳ୍ପ ପ୍ରସ୍ତୁତ ହୋଇଥିଲା। ଯେହେତୁ ପଶ୍ଚିମବଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ସହଯୋଗ ନ ମିଳିବାରୁ ଉକ୍ତ ପ୍ରକଳ୍ପକୁ ଦୀଘା ପର୍ଯ୍ୟନ୍ତ ନ ନିଆଯାଇ ଜଳେଶ୍ୱରରୁ ଚନ୍ଦନେଶ୍ୱର ପର୍ଯ୍ୟନ୍ତ ରଖାଯାଇଛି ଏବଂ ଉକ୍ତ କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ କରାଯିବ। ଏହି ପ୍ରକଳ୍ପର ସମସ୍ତ ଅନୁମୋଦନ କାର୍ଯ୍ୟ ସରିଛି। ଏହି ରେଳପଥ ତିଆରି ହେଲେ ଚନ୍ଦନେଶ୍ୱର, ଭୋଗରାଇ, ଜଳେଶ୍ୱର ଅଞ୍ଚଳବାସୀ ଉପକୃତ ହେବେ।

